ଧରିତ୍ରୀ
DHARITRI
November 02-08, 2025 ₹2/-

ଧରିତ୍ରୀ DHARITRI 51 Years


ଛୁଟିଦିନ



# କ୍ୟାନ୍‌ସର ଯୋଦ୍ଧା

ଏମାନଙ୍କ ଆତ୍ମବିଶ୍ୱାସ ଆଗରେ ହାର ମାନିଛି କ୍ୟାନ୍‌ସର। ପରିବାର ଆଉ ସମାଜ ପାଇଁ କିଛି କରିବାର ଝୁଙ୍କ୍ ଏମାନଙ୍କ ମନୋବଳକୁ ଆହୁରି ବଢେଇ ଦେଇଛି। ଜଣେ ଯୋଦ୍ଧା ଭାବେ କ୍ୟାନ୍‌ସର ସହ ଲଢିଛନ୍ତି ଓ ପାଲଟିଛନ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣା...

୩
ପ୍ରଚ୍ଛଦ ପ୍ରସଙ୍ଗ



# ଗୁଣକାରୀ ଧନିଆ ପତ୍ର

**ଧନିଆ ପତ୍ରକୁ ସାଲାଡ୍ ହେଉ ଅବା ତରକାରୀରେ ପକାଇ ଖାଇଲେ ଟେଷ୍ଟି ଲାଗେ। ଏହାର ଚଟଣି ବି ବେଶ୍ ସୁଆଦିଆ। ବିଭିନ୍ନ ପ୍ରକାର ଭିଟାମିନ୍ସ, ମିନେରାଲ୍ସ ତଥା ପ୍ରୋଟିନ୍‌ରେ ଭରା ଧନିଆ ପତ୍ରକୁ ଶୀତଦିନ ହେଉ କି ଖରାଦିନ ସବୁବେଳେ ଖାଇହୁଏ। କାରଣ ଏଥିରେ ଭରି ରହିଛି ଅନେକ ସ୍ୱାସ୍ଥ୍ୟୋପଯୋଗୀ ଗୁଣ...**



✻ ପାଚନଶକ୍ତିକୁ ସକ୍ରିୟ କରିବାରେ ଧନିଆ ପତ୍ରର ଥାଏ ଅନେକ ଅବଦାନ। ମୁଖ୍ୟତଃ ଛାଛରେ ସତେଜ ଧନିଆ ପତ୍ରରୁ କିଛି ମିଶାଇ ପିଇଲେ ବଦହଜମୀ, ବାନ୍ତି ସମସ୍ୟା ତଥା ଗ୍ୟାସ ଯୋଗୁ ହେଉଥିବା ପେଟମୋଡାରୁ କେତେକାଂଶରେ ମୁକ୍ତି ମିଳିଥାଏ।

✻ ବେଳେବେଳେ ଅଧିକ ଖାଇଦେବା ଯୋଗୁ ପେଟ ଭାରି ଭାରି ଲାଗେ, ସେ କ୍ଷେତ୍ରରେ ଧନିଆ ପତ୍ରର ଚଟଣି ହେଉ ଅବା ଧନିଆ ପତ୍ର ମିଶା ସାଲାଡ୍ ଖାଇଲେ ପେଟ ଟିକେ ହାଲ୍‌କା ଲାଗିଥାଏ।

✻ ପାଣି କମ୍ ପିଇବା ଯୋଗୁ ପରିସ୍ରା ଜଳାପୋଡା ହେଉଥିଲେ ଧନିଆ ପତ୍ରର ଚଟଣି ହେଉ କିମ୍ବା ଧନିଆରୁ କିଛି ଖାଇଦେଲେ ଏ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।

✻ ଭିଟାମିନ୍ ଏ ଓ ସିରେ ଭରା ଧନିଆ ପତ୍ର ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ନିୟମିତ ଖାଇବା ଦ୍ୱାରା ଥଣ୍ଡା, କାଶରୁ ବି କେତେକାଂଶରେ ମୁକ୍ତି ମିଳେ।

✻ ଡାଇବେଟିସ୍ ରୋଗୀଙ୍କ ପାଇଁ ବି ଧନିଆ ପତ୍ର ଖାଇବା ଉତ୍ତମ।

✻ ଭୋକ ବଢାଇବାରେ ଏହା ସାହାଯ୍ୟ କରିଥାଏ।

✻ ପ୍ରତିଦିନ ସକାଳେ ଖାଲିପେଟରେ ଧନିଆ ପତ୍ର ଜୁସ୍ ପିଇଲେ ଶରୀରର ଓଜନ କମିଥାଏ ବୋଲି କୁହାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୦୨-୦୮, ୨୦୨୫

**ମେଷ**



ନୂତନ ମୈତ୍ରୀ, ଶୁଭ ଖବରପ୍ରାପ୍ତି, ବ୍ୟବସାୟିକ ଉନ୍ନତି, ବନ୍ଧୁଙ୍କ ସହଯୋଗ, ଯାତ୍ରାରେ ସଫଳତା, ସମସ୍ୟା ସମାଧାନ, ନିର୍ମାଣରେ ବାଧା, ଯାନବାହନ ଲାଭ, ଆନୁଷ୍ଠାନିକ ତତ୍ପରତା, ଅର୍ଥ ସଂକଟ, ସାହିତ୍ୟକୃତିରୁ ପ୍ରଶଂସା ॥

**ବୃଷ**




ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସମ୍ପଦପ୍ରାପ୍ତି, ଲୋକ ସମ୍ପର୍କ ବୃଦ୍ଧି, ପାରିବାରିକ ବନ୍ଧୁ ମିଳନ, ପରିଭ୍ରମଣର ସୁଯୋଗ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ମନୋରଞ୍ଜନରେ ରୁଚି, ଦୂରଯାତ୍ରାରେ ସଫଳତା, ଅଧ୍ୟୟନରେ ଉନ୍ନତି, ବାଣିଜ୍ୟର ଅଭିବୃଦ୍ଧି, ତୀର୍ଥାଟନ କରିପାରନ୍ତି ॥

**ମିଥୁନ**



ସମ୍ପର୍କୀୟଙ୍କ ବେଖାତିର, ଅବହେଳାରୁ କାର୍ଯ୍ୟହାନୀ, ମାନସିକ ଦୁଃଶ୍ଚିନ୍ତା, କର୍ମକ୍ଷେତ୍ରରେ ନିରୁତ୍ସାହିତ, ନୂତନ ବନ୍ଧୁସମ୍ପର୍କ, ପାରିବାରିକ ଶାନ୍ତି, ଋଣ ପରିଶୋଧ, ସମସ୍ୟା ସମାଧାନ, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**କର୍କଟ**




ନୂତନ କର୍ମାରମ୍ଭ, ଭୋଗବିଳାସରେ ରୁଚି, ସ୍ୱଜନଶତ୍ରୁତା, କର୍ମକ୍ଷେତ୍ରରେ ଚାପ ବୃଦ୍ଧି, ଅର୍ଥହାନୀର ଅନୁଚିନ୍ତା, ନୂଆସମ୍ପର୍କ ଯୋଡିବେ, କଳାନୁରାଗୀ ହେବେ, ବନ୍ଧୁଙ୍କ ପରାମର୍ଶ ॥

**ସିଂହ**



କର୍ମକ୍ଷେତ୍ରରେ ଉଚ୍ଚ ଆଶା, ବନ୍ଧୁମିଳନର ଆୟୋଜନ, ପରୋକ୍ଷଶତ୍ରୁତାରୁ କାର୍ଯ୍ୟହାନୀ, ବାଣିଜ୍ୟରେ ପ୍ରତିବନ୍ଧକ, ସଭାସମିତିରୁ ସମ୍ମାନ, ସହକର୍ମୀଙ୍କ ଭୁଲ୍ ବୁଝାମଣା, ପ୍ରିୟବନ୍ଧୁଙ୍କ ସାନ୍ନିଧ ॥

**କନ୍ୟା**



ଅନୁକୂଳ ପରିବେଶ, ନୂତନ ଯୋଜନାରମ୍ଭ, ମୂଲ୍ୟବାନ ଦ୍ରବ୍ୟଲାଭ, ପରିବାରରୁ ପ୍ରତିରୋଧ, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ସାହିତ୍ୟାନୁରାଗ, ସଙ୍ଗୀତରେ ରୁଚି, ବନ୍ଧୁସାହାଯ୍ୟରେ ଅର୍ଥଲାଭ, ବୈବାହିକ ସମ୍ପର୍କରେ ସମସ୍ୟା ॥

**ତୁଳା**



ପ୍ରତ୍ୟୁଷ ଯାତ୍ରାରୁ ଆନନ୍ଦ, ବନ୍ଧୁଙ୍କର ପ୍ରେରଣା, ଦୁଃସାଧ କାର୍ଯ୍ୟ ସାଧନ, ପଡୋଶୀଙ୍କ ପରାମର୍ଶ, କୂଟନୀତିରେ କାର୍ଯ୍ୟସାଧନ, ଭ୍ରାତୃବିବାଦ ବୃଦ୍ଧି, ଧୈର୍ଯ୍ୟହରା ହୋଇପାରନ୍ତି, ଧର୍ମକାର୍ଯ୍ୟରେ ବ୍ୟସ୍ତତା, ବ୍ୟବସାୟିକ ଅଭିବୃଦ୍ଧି ॥

**ବିଛା**



ଅର୍ଥ ଓ ସମ୍ମାନ ପ୍ରାପ୍ତି, ଗୌରବର୍ଣ୍ଣ ବ୍ୟକ୍ତିଙ୍କ ସାହାଯ୍ୟ, ଉଚ୍ଚଶିକ୍ଷାର ସୁଯୋଗ ଲାଭ, କ୍ଳାନ୍ତିବୋଧ କରିବେ, ଆଶା ଫଳବତୀ ହେବ, ଶୁଭକାର୍ଯ୍ୟରେ ଯୋଗ ଦେବେ, ଦୂରଯାତ୍ରାର ସୁଯୋଗ, ମାଙ୍ଗଳିକ ଉତ୍ସବରେ ଯୋଗଦାନ ॥

**ଧନୁ**



କଠିନପରିଶ୍ରମ କରିବେ, ସ୍ୱାସ୍ଥ୍ୟ ଭଲ ରହିବନି, ବିବାଦଗ୍ରସ୍ତ ହୋଇପାରନ୍ତି, କର୍ମକ୍ଷେତ୍ରରେ ସମ୍ମାନ, ଟେନ୍‌ସନ୍ କମିଯିବ, ମୂଲ୍ୟବାନଦ୍ରବ୍ୟ ପ୍ରାପ୍ତି, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ବୃଥା ସନ୍ଦେହ, ରାଜନୈତିକ ଆଲୋଚନା ॥

**ମକର**



ସ୍ୱାସ୍ଥ୍ୟରେ ଉନ୍ନତି, କାମ ଠିକ୍ ଠାକ୍ ଚାଲିବ, ପରିସ୍ଥିତିକୁ ସଜାଡି ନେବେ, କଚେରୀ ମାମଲାର ଶୁଣାଣି ବିଳମ୍ବରେ ଘଟିବ, କର୍ମ ତତ୍ପରତା ବୃଦ୍ଧି, ଉଚ୍ଚବର୍ଗର ସହଯୋଗ, ଆଶାଜନକ ଫଳ, ବ୍ୟବସାୟରେ ଲାଭ, ରିସ୍କ ପଦକ୍ଷେପ ନେଇପାରନ୍ତି, ବିବାଦର ଅବସାନ ॥

**କୁମ୍ଭ**



ପାରିବାରିକ ବନ୍ଧୁମିଳନ, ସହକର୍ମୀଙ୍କ ସୌଜନ୍ୟତା, କରଜ କରିପାରନ୍ତି, ସମସ୍ୟା ଗୁରୁତର ହୋଇପାରେ, ମିତ୍ରବନ୍ଧୁଙ୍କ ଆଗମନ, ସନ୍ତାନହେତୁକ ଦ୍ୱନ୍ଦ୍ୱ, ଆଇନ ସହାୟତା ପ୍ରାପ୍ତି, ପିତୃବର୍ଗରେ ପୀଡା, ସଙ୍ଗୀତ ସାଧନାରେ ରୁଚି।।

**ମୀନ**



କର୍ମକ୍ଷେତ୍ରରେ ବ୍ୟସ୍ତତା, ଭ୍ରାତୃସମ୍ପର୍କରେ ଉନ୍ନତି, ନୂଆସମ୍ପର୍କ ଯୋଡିବେ, ବାଣିଜ୍ୟରେ ପ୍ରତିବନ୍ଧକ, ବନ୍ଧୁଙ୍କ ପ୍ରେରଣାପ୍ରାପ୍ତି, ପୁରାଣ ପଠନରେ ରୁଚି, ଧର୍ମକାର୍ଯ୍ୟରେ ନିୟୋଜିତ, ଯାତ୍ରା ସଫଳ ହେବ, ବିଦେଶଯାତ୍ରାର ସୁଯୋଗ, ସାମାଜିକ ସମ୍ମାନ ॥

# ଦୁଃସ୍ୱପ୍ନ ଆସୁଥିଲେ



**ସ୍ୱ**ପ୍ନ ଦେଖିବା ସାଧାରଣ କଥା। କିନ୍ତୁ ବେଳେବେଳେ ଏମିତି କିଛି ସ୍ୱପ୍ନ ଆସେ, ଯାହା ଖୁବ୍ ଭୟଙ୍କର ଲାଗେ। ନିଦ ଭାଙ୍ଗିଲା ପରେ ବି ଡର ଡର ଲାଗେ। ଏମିତି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ସ୍ୱପ୍ନଶାସ୍ତ୍ରରେ କିଛିଟା ଉପାୟ ରହିଛି। ଯେମିତିକି: ରାତିରେ ଶୋଇବା ସମୟରେ ଶେଯ ନିକଟରେ ତମ୍ବାର ପାତ୍ର ହେଉ ଅବା ତମ୍ବାର କୌଣସି ସୋ ପିଶ୍ ରଖିଲେ ଦୁଃସ୍ୱପ୍ନ ଆସେ ନାହିଁ ବୋଲି ବିଶ୍ୱାସ ରହିଛି। ତେବେ ଧ୍ୟାନ ଦେବେ ତମ୍ବା ପାତ୍ର ଶୁଖିଲା ହୋଇଥିବା ଦରକାର। ସେଥିରେ ଆଦୌ ପାଣି ରଖିବେ ନାହିଁ। ସେହିପରି ଯଦି ଛୋଟପିଲା ବି ରାତିରେ ଶୋଇଲାବେଳେ ଡରୁଥାନ୍ତି, ତା’ହେଲେ ତାଙ୍କ ବେକରେ ହେଉ ଅବା ଅଣ୍ଟାରେ ତମ୍ବା ପଇସା ବାନ୍ଧିଲେ ଅନେକ ଉପକାର ମିଳେ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ଶେଯ ନିକଟରେ ସେରାମିକ୍‌ର ଶୋ ପିସ୍ ହେଉ ଅବା ଜେମ୍ସ ଟ୍ରି ରଖିପାରିବେ। ଏହାଛଡ଼ା କପଡ଼ାରେ ଛୋଟ ଖଣ୍ଡେ ଫିଟିକିରି ଗୁଡ଼ାଇ ରଖିଲେ ମଧ୍ୟ ଖରାପ ସ୍ୱପ୍ନ ଦେଖିବା କିମ୍ବା ଶୋଇଲାବେଳେ ଡରିବା ଧୀରେ ଧୀରେ କମିଯାଏ ବୋଲି ବିଶ୍ୱାସ ରହିଛି।

# ପାଠକୀୟ

✻ କଳା କ୍ଷେତ୍ରରେ ନାହିଁ ଲିଙ୍ଗଭେଦ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଏହି ପୁରୁଷ କଳାକାରମାନେ। ଝୋଟି ଓ ରଙ୍ଗୋଲିର ରଙ୍ଗ ବିଭାରେ ନିଜକୁ ହଜାଇ ଦେବା ସହ ଘର ଅଗଣାର ଏହି କଳାକୁ ବିଶ୍ୱ ଦରବାରରେ ପରିଚିତି ଦେଇଛନ୍ତି। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ ‘ରଙ୍ଗୋଲି ରାଜା’ ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

*– ବିଭୁତି ପାଣିଗ୍ରାହୀ, ପୁରୀ*

✻ ‘ରଙ୍ଗୋଲି ରାଜା’ ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ମନଛୁଆଁ ହେବା ସହ ବେଶ୍ ପ୍ରେରଣାଦାୟୀ ବି ଥିଲା। ‘ଘର ସଫା କଲାବେଳେ କେଉଁ ଜିନିଷ ମିଳିବା ଶୁଭ’, ‘ଦୀପାବଳିରେ କେତୋଟି ଦୀପ ଜଳାଇପାରିବେ’ ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*– ପୁଷ୍ପା ସାହୁ, ଭବାନୀପାଟଣା*

✻ ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍, କବି, ଗାଳ୍ପିକ, ପ୍ରାବନ୍ଧିକ ଭରତ ବେହେରାଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ ‘ରକ୍ତ ଗୋଲାପ’ ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଆକର୍ଷଣୀୟ ଲାଗୁଥିଲା।

*– ବାପି ପଟ୍ଟନାୟକ, ଭଦ୍ରକ*

✻ ସ୍ତମ୍ଭକାର, ନାଟ୍ୟକାର, ନିର୍ଦ୍ଦେଶକ ବିଜୟ ଦାସଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଭାରୀ ହୃଦୟସ୍ପର୍ଶୀ ଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ‘ମିନାକାରୀ ଚୁଡ଼ି’ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ‘ଗଡ଼ମାଣତୀର’ ଶୀର୍ଷକ ପାଠଟି ମଧ୍ୟ ଖୁବ୍ ନିଆରା ଥିଲା।

*– ବର୍ଷାରାଣୀ ମହାରଣା, କଟକ*

✻ ସହର ପୃଷ୍ଠାରୁ ‘ଦୀପାବଳି ପାଇଁ ପରଫେକ୍ଟ ଡେଷ୍ଟିନେଶନ’ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ ‘ଆତସବାଜି କିଛି କଥା’ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ବୀରକିଶୋର ପ୍ରଧାନ, ଝାରସୁଗୁଡ଼ା*

✻ ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ ‘ପ୍ରଶଂସାର ପରିଣାମ’ ଶୀର୍ଷକ ପାଠଟି ପଢି ବହୁ ଅଜଣା କଥା ଜାଣିହେଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ‘ଟଏଲେଟ୍ ପେପର୍ ଦାମରେ କିଣିପାରିବେ ହେଲିକପ୍ଟର’, ‘ହବିହର୍ଷ’, ‘ସୁନାର ପଦ୍ମ’ ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା ପଢିବାକୁ।

*– ସୋନି ଲାହାରି, କେନ୍ଦ୍ରାପଡ଼ା*

✻ ଛୁଟିଦିନର ମୁଁ ଜଣେ ନିୟମିତ ପାଠକ। ମୋତେ ଏହାର ପ୍ରତି ପୃଷ୍ଠା ପଢିବାକୁ ଭଲ ଲାଗେ। ଖାସ୍ କରି ସାଥୀର ଉତ୍ତର ପଢିବା ମୋର ଭାରୀ ପ୍ରିୟ।

*– ଶୁଭଦ୍ରା ବିଶୋଇ, ଫୁଲବାଣୀ*




## ବିଶେଷ ଚିଠି

ରଙ୍ଗୋଲି ରାଜାକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଦେଉଥିଲା ନୂଆ ନୂଆ ତଥ୍ୟ
ମନେ ଭରି ଅପୂର୍ବ ରଙ୍ଗ।
ତା’ସାଙ୍ଗକୁ ସିନେମା ଓ ସହର
ମନ କିଣି ନେଉଥିଲା ପୁଣି
ତୁମ ସାଥୀର ଉତ୍ତର।
ହେ ମୋର ପ୍ରିୟ ଛୁଟିଦିନ
ତୁମର ଷୋହଳ ପୃଷ୍ଠା ଯାକ ଲାଗେ
ଭାରୀ ସୁନ୍ଦର ଓ ନୂତନ।

*– ଆକାଂକ୍ଷା ମହାନ୍ତି, ଭୁବନେଶ୍ୱର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# କ୍ୟାନ୍ସର ଯୋଦ୍ଧା

**ଏମାନଙ୍କ ଆତ୍ମବିଶ୍ୱାସ ଆଗରେ ହାର ମାନିଛି କ୍ୟାନ୍ସର। ପରିବାର ଆଉ ସମାଜ ପାଇଁ କିଛି କରିବାର ଝୁଙ୍କ୍ ଏମାନଙ୍କ ମନୋବଳକୁ ଆହୁରି ବଢେଇ ଦେଇଛି। ଜଣେ ଯୋଦ୍ଧା ଭାବେ କ୍ୟାନ୍ସର ସହ ଲଢିଛନ୍ତି ଓ ପାଲଟିଛନ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣା...**

**କ୍ୟା**ନ୍ସର ଭଳି ମାରାତ୍ମକ ରୋଗ ସାଙ୍ଗେ ଏମାନେ ଲଢ଼ିଛନ୍ତି। ତା'ର ଅସହ୍ୟ ଯନ୍ତ୍ରଣାକୁ ବି ସହିଛନ୍ତି। କ୍ୟାନ୍ସର ଚିକିତ୍ସା ଚାଲିଥିବାବେଳେ କେଶ ହରାଇବା, ଶରୀରର ରଙ୍ଗ ଫିକା ପଡିଯିବା, ଅତ୍ୟଧିକ ଦୁର୍ବଳ ଲାଗିବା, ଖାଦ୍ୟ ଖାଇ ନ ହେବାର କଷ୍ଟ ସାଙ୍ଗେ ବି ଯୁଝିଛନ୍ତି। କିନ୍ତୁ ଏସବୁ ପରେ ବି ଏମାନେ ନିଜର ଆତ୍ମବଳକୁ କମିବାକୁ ଦେଇନାହାନ୍ତି। ପରିବାର ପାଇଁ ହେଉ ଅବା ସମାଜ ପାଇଁ କିଛି କରିବାର ଝୁଙ୍କ୍ ଏମାନଙ୍କୁ ପୁଣିଥରେ ଦୃଢ କରିଛି। କ୍ୟାନ୍ସର ଏମାନଙ୍କୁ ଡରାଇପାରିନି ବରଂ ଏମାନେ କ୍ୟାନ୍ସର ସାଙ୍ଗେ ସାହସର ସହ ଲଢ଼ି ଆଗକୁ ବଢିଛନ୍ତି, ଆଉ ନିଜକୁ ଜଣେ ଜଣେ କ୍ୟାନ୍ସର ଯୋଦ୍ଧାର ପରିଚୟ ଦେଇଛନ୍ତି....

**୧୭ ବର୍ଷ ହେବ ବ୍ଲଡ୍ କ୍ୟାନ୍ସର ସହ ଲଢ଼ି ଆସୁଛନ୍ତି ବିଜୟଲକ୍ଷ୍ମୀ:** ଭୁବନେଶ୍ୱର ରସୁଲଗଡ଼ର ବାସିନ୍ଦା ହେଲେ **ବିଜୟଲକ୍ଷ୍ମୀ କର**, କିନ୍ତୁ ମିନି କର ନାଁରେ ସେ ବେଶ୍ ପରିଚିତା। ସେ ଜଣେ ସାମାଜିକ କର୍ମୀ ହେବା ସହିତ ଜଣେ ମୋଟିଭେଶନାଲ୍ ସ୍ପିକର ମଧ୍ୟ। ବୟସ ତାଙ୍କୁ ପାଖାପାଖି ୬୫ ବର୍ଷ ହେବଣି, ହେଲେ ଏବେ ବି ସେ ଦେଖିବାକୁ ଯେମିତି ସୁନ୍ଦର ଓ ଷ୍ଟାଇଲିଶ୍, ସବୁ କାମରେ ମଧ୍ୟ ସେମିତି ବେଶ୍ ପାରିବାର। ହଠାତ୍ ଦେଖିଲେ କେହି ଜାଣିପାରିବେନି ଯେ ସେ ବ୍ଲଡ୍ କ୍ୟାନ୍ସର ପୀଡିତା ବୋଲି। ୨୦୦୮ରୁ ତାଙ୍କର ଡିଟେକ୍ଟ ହେଲାଣି କ୍ୟାନ୍ସର। ଭଗବାନଙ୍କ ଆଶୀର୍ବାଦ, ଡାକ୍ତରଙ୍କ ଉପଯୁକ୍ତ ଚିକିତ୍ସା, ପରିବାରର ସହଯୋଗ ଆଉ ଏସବୁଠୁ ବଳିକି ତାଙ୍କ ନିଜର ଆତ୍ମବଳ ଯୋଗୁ ଆଜକୁ ୧୭ ବର୍ଷ ହେବ ବିଜୟଲକ୍ଷ୍ମୀ କ୍ୟାନ୍ସର ସାଙ୍ଗେ ଲଢି ଲଢି ନିଜକୁ ଜଣେ କ୍ୟାନ୍ସର ଯୋଦ୍ଧାର ପରିଚୟ ଦେବାରେ ସଫଳ ହୋଇପାରିଛନ୍ତି।

୨୦୦୭-୨୦୦୮ ମସିହାରେ ବିଜୟଲକ୍ଷ୍ମୀ ଇନରହ୍ୱିଲ୍ କ୍ଲବ, ଭୁବନେଶ୍ୱରର ପ୍ରେସିଡେଣ୍ଟ ଥାନ୍ତି। ତା'ସହିତ ରୋଟାରି କ୍ଲବର ସଦସ୍ୟା ଭାବେ ତାଙ୍କୁ ବିଭିନ୍ନ କାମ କରିବାକୁ ପଡୁଥାଏ। ସେ ସମୟରୁ ତାଙ୍କୁ ଟିକେ ଟିକେ ଦୁର୍ବଳ ଲାଗିବା ଆରମ୍ଭ ହେଉଥାଏ। କାମର ଚାପ ଯୋଗୁ ଏମିତି ହେଉଥିବା ଭାବି ସେ ଏତେ ଧ୍ୟାନ ଦେଇ ନ ଥାନ୍ତି। ୨୦୦୮ ଜୁନ୍‌ରେ ରୋଟାରି ଇଣ୍ଟରନ୍ୟାଶନାଲର ଏକ ସମ୍ମିଳନୀରେ ଯୋଗ ଦେବାକୁ ସେ ଲସ୍‌ଏଞ୍ଜେଲସ୍ ଯାଇଥାନ୍ତି। ୨୦/୨୨ ଦିନ ପରେ ଫେରିଲାବେଳକୁ ତାଙ୍କର ୭/୮ କି.ଗ୍ରା. ଓଜନ କମିବା ସହ ଶରୀରର ରଙ୍ଗ କଳା ପଡିଯାଇଥାଏ। ତାଙ୍କୁ ଖୁବ୍ ଦୁର୍ବଳ ଲାଗୁଥାଏ। ତଳି ପେଟ ବି ଟିକେ ଟିକେ ଦରଜ ଲାଗୁଥାଏ। ଡାକ୍ତର ପରାମର୍ଶ କରି ଅଲଟ୍ରାସାଉଣ୍ଡ ଓ ବ୍ଲଡ୍ ଟେଷ୍ଟ କରାଇବାରୁ ତାଙ୍କୁ ବ୍ଲଡ୍ କ୍ୟାନ୍ସର ହୋଇଥିବା ଜଣାଯାଏ, ସେ ପୁଣି ଷ୍ଟେଜ୍-୨। ବିଳମ୍ବ ନ କରି ସ୍ୱାମୀ ଅଶ୍ୱିନୀ କରଙ୍କ ସହ ସେ ମୁମ୍ବାଇସ୍ଥିତ ଟାଟା ମେମୋରିଆଲ କ୍ୟାନ୍ସର ହସ୍‌ପିଟାଲକୁ ଚିକିତ୍ସା ପାଇଁ ଚାଲିଯାନ୍ତି। ସେଠାରେ ଡାକ୍ତର ତାଙ୍କୁ ବୋନ୍‌ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ପାଇଁ ପରାମର୍ଶ ଦିଅନ୍ତି। କିନ୍ତୁ ଏହି ଅପରେଶନ ବ୍ୟୟବହୁଳ ହେବା ସହ ଖୁବ୍ ରିସ୍କ ଥିବାରୁ ବିଜୟଲକ୍ଷ୍ମୀ ଏଥିପାଇଁ ରାଜି ହୁଅନ୍ତି ନାହିଁ। ସେ ସମୟରେ ବିଜୟଲକ୍ଷ୍ମୀଙ୍କ ପୁଅ ଅମୃତ ୟୁରୋପ୍‌ରେ ଫାଇନାଲ୍ ଇୟର୍ ଏମ୍‌ବିଏ କରୁଥିବାବେଳେ ଝିଅ ଆରତୀ ବାଙ୍ଗାଲୋରରେ ପଢୁଥାନ୍ତି। ନିଜ ପୁଅଝିଅଙ୍କ ଅପେକ୍ଷା ଯାହାଙ୍କ ଚିନ୍ତା ବିଜୟଲକ୍ଷ୍ମୀଙ୍କୁ ବେଶି ଘାରୁଥାଏ, ସେ ହେଲେ ଦୁଇ ବର୍ଷର ଦିବ୍ୟାଙ୍ଗ ଶିଶୁ ବାଦଲ, ଯାହାକୁ ସେ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥାନ୍ତି। ବାଦଲ ଜନ୍ମରୁ ଦୃଷ୍ଟିବାଧିତ, କଥା ବି ଠିକ୍‌ରେ କହିପାରନ୍ତିନି କି ଚାଲିପାରନ୍ତିନି। ଯଦି ତାଙ୍କର କିଛି ହୋଇଯାଏ, ତା'ହେଲେ ବାଦଲଙ୍କର ଭବିଷ୍ୟତ କ'ଣ ହେବ ସେହି କଥା ବିଜୟଲକ୍ଷ୍ମୀଙ୍କୁ ବେଶି କଷ୍ଟ ଦେଉଥାଏ। ତେଣୁ ସେ ମୁମ୍ବାଇରେ ବେଶି ଦିନ ନ ରହି ଓଡ଼ିଶା ଫେରି ଆସିବାକୁ ଚିନ୍ତା କରନ୍ତି। ଟାଟା ମେମୋରିଆଲ ହସ୍‌ପିଟାଲର ଡାକ୍ତରଙ୍କ ପରାମର୍ଶ କ୍ରମେ ସେ କଟକସ୍ଥିତ ଆଚାର୍ଯ୍ୟ ହରିହର ରିଜିଓନାଲ କ୍ୟାନ୍ସର ସେଣ୍ଟରରେ ଚିକିତ୍ସିତ ହେବାକୁ ଲାଗନ୍ତି। ସେବେଠାରୁ ସେ କଟକରେ ଚିକିତ୍ସିତ ହୋଇଆସୁଛନ୍ତି। ମଝିରେ ମଝିରେ କିଛିଟା ରୁଟିନ୍ ଚେକ୍‌ଅପ୍ ପାଇଁ ଟାଟା ମେମୋରିଆଲ ହସ୍‌ପିଟାଲ ବି ଯାଉଛନ୍ତି। କ୍ୟାନ୍ସର ଜୀବାଣୁ ଯେ ତାଙ୍କ ଦେହରୁ ସମ୍ପୂର୍ଣ୍ଣ ଚାଲିଯାଇଛି ତାହା ନୁହେଁ, ଏବେ ବି ତାଙ୍କ ଦେହରେ କିଛିଟା ଜୀବାଣୁ ରହିଛି ; ଯାହାର ପ୍ରଭାବରେ ବେଳେବେଳେ ତାଙ୍କର ହାଡ଼ ଭୀଷଣ ଦରଜ ହୁଏ, ଖୁବ୍ ଜ୍ୱର ବି ହୁଏ, ହିମୋଗ୍ଲୋବିନ୍ କମିଯାଏ, ଦେହ ଭାରୀ ଦୁର୍ବଳ ଲାଗେ। ହସ୍‌ପିଟାଲ୍‌ରେ ଆଡ୍‌ମିଶନ ହୋଇ ୨/୩ ଦିନ ଟ୍ରିଟ୍‌ମେଣ୍ଟରେ ରୁହନ୍ତି, ପୁଣି ସୁସ୍ଥ ହୋଇ ଘରକୁ ଫେରନ୍ତି। ତା'ପରେ ପୁନର୍ବାର ନିତିଦିନିଆ କାମରେ ଲାଗିଯାନ୍ତି। ଏସବୁ କେବଳ ତାଙ୍କର ଦୃଢ ମନୋବଳ ଯୋଗୁ ସମ୍ଭବ ହୁଏ। ଏ ନେଇ ବିଜୟଲକ୍ଷ୍ମୀ କୁହନ୍ତି, 'ମୋର ଯେତେବେଳେ କ୍ୟାନ୍ସର ବାହାରିଲା, ସାଙ୍ଗସାଥୀ, ବନ୍ଧୁବାନ୍ଧବ ଆସି ସମବେଦନା ଦେଉଥିଲେ, କେହି କେହି କାନ୍ଦିବି ପକାଉଥିଲେ। କିନ୍ତୁ ମୋ ସ୍ୱାମୀ, ପୁଅ, ଝିଅ କେବେ ମୋ ସାମ୍ନାରେ କାନ୍ଦି ନାହାନ୍ତି। ବରଂ ମୋର ଆତ୍ମବିଶ୍ୱାସ ବଢେଇଛନ୍ତି। କେମୋ ଯୋଗୁ ଚୁଟି ସବୁ ଝଡ଼ିଯିବାବେଳେ ମୋ ଝିଅ ମୋତେ ବୁଝେଇ କହିଛି, ବ୍ୟସ୍ତ ହୁଅନି, ପୁଣି ତମର ଯେବେ ଚୁଟି ଆସିଯିବ ତୁମେ ଏମିତି ହେୟାର୍ ଷ୍ଟାଇଲ୍ କରିବ, ତୁମକୁ ଭଲ ମାନିବ। ବାସ୍ ସେମାନଙ୍କର ଏହି କଥା ପଦେ ପଦେରେ ମୁଁ ସବୁ କଷ୍ଟକୁ ସହି ପୁଣି ବଞ୍ଚିବା ଆରମ୍ଭ କଲି। ଆଉ ସବୁଠୁ ବଡ଼ କଥା ମୋ ପାଇଁ ଥିଲା ବାଦଲକୁ କେମିତି ମଣିଷ ପରି ମଣିଷ କରି ଗଢିବି। ସେଥିପାଇଁ ତାକୁ ସ୍ପିଚ୍ ଥେରାପି ନେବାଠୁ ଆରମ୍ଭ କରି ତା'ର ବିଭିନ୍ନ ପ୍ରକାରର ଫିଜିଓଥେରାପି କରାଇଲି।

ତା'ସହିତ ସୋସିଆଲ୍ ୱାର୍କ ଏବଂ ଅନ୍ୟାନ୍ୟ କାମ ବି କରିବାକୁ ଲାଗିଲି। ସବୁବେଳେ କିଛି ନା କିଛି କାମରେ ନିଜକୁ ବ୍ୟସ୍ତ ରଖିଲି, ଯେମିତି ମୋର ଧ୍ୟାନ ମୋ ରୋଗ ଉପରେ ନ ରହି ଅନ୍ୟ କାମରେ ରହିବ। ଏଥିସହିତ ନିୟମିତ ଡାକ୍ତରଙ୍କ ଚିକିତ୍ସାରେ ରହିବା ସହ ତାଙ୍କ ପରାମର୍ଶ କ୍ରମେ ମୁଁ ହେଲ୍‌ଦି ଡାଏଟ୍ ଫଲୋ କରୁଥିଲି ଆଉ ଏବେ ବି କରୁଛି, ନିୟମିତ କିଛି କିଛି ସମୟ ଯୋଗ, ପ୍ରାଣାୟମ ବି କରୁଛି। କେବଳ ସେତିକି ନୁହେଁ, ମୋର କିଛିଟା ଅପୂରଣୀୟ ଇଚ୍ଛା ଯେମିତିକି ଫ୍ୟାଶନ ଡିଜାଇନିଂ, ଗ୍ଲାସ୍ ପେଣ୍ଟିଂ ଆଦିକୁ ବି କ୍ୟାନ୍ସରରୁ ଟିକେ ସୁସ୍ଥ ହେବା ପରେ ନିଜ ଆଗ୍ରହରେ ଶିଖି ସେ ଦିଗରେ କିଛି କାମ ବି କରିଛି। ଏପରିକି ର୍‍ୟାମ୍ପ ଶୋ'ରେ ମଧ୍ୟ ଚାଲିଛି। ୟୁଟ୍ୟୁବ୍‌ରୁ ନୂଆ ନୂଆ ଖାଦ୍ୟ ଶିଖି ତାକୁ କରି ବାଦଲକୁ ଖାଇବାକୁ ଦେଇଛି। ଏହାଛଡ଼ା ୟା'ଭିତରେ ମୁଁ ୩ଥର କ୍ୟାନ୍ସର ରୋଗୀଙ୍କ ୱିଗ୍ ତିଆରି ନିମନ୍ତେ ମୋ ଚୁଟିକୁ ବି ଦାନ କରିସାରିଛି। ତା'ସହିତ ଅନ୍ୟ ସୋସିଆଲ୍ ୱାର୍କ ବି ମୋର ଚାଲିଛି। ଅବଶ୍ୟ ମଝିରେ ମଝିରେ ଦେହ ଖରାପ ହେଉଛି, ଚିକିତ୍ସା ହୋଇ ପୁଣି ଭଲ ହୋଇ ମୁଁ ମୋ କାମରେ ଲାଗିଯାଉଛି। ୟା'ଭିତରେ ବାଦଲକୁ ୧୮ ବର୍ଷ ହୋଇଗଲାଣି। ପୁଅଝିଅ ବାହାହୋଇ ନିଜ ନିଜ କର୍ମକ୍ଷେତ୍ରରେ ବେଶ୍ ଖୁସିରେ ଅଛନ୍ତି। ସ୍ୱାମୀ ତାଙ୍କ ଚାର୍ଟାର୍ଡ ଫାର୍ମ କଥା ବୁଝୁଛନ୍ତି ଆଉ ମୁଁ ଘର, ବାହାର, ବାଦଲ କଥା ବୁଝି ମୋର ବାକି ସମୟତକ ବିତାଉଛି। ଏମିତି ଭାବେ ଖୁସିରେ ଆମ ଜୀବନ ଚାଲିଛି। ତେଣୁ ମୋ ମତରେ, ଯଦି ଜଣଙ୍କର ମନୋବଳ ଦୃଢ଼ ଅଛି, ଆଉ ତାକୁ ତା' ପରିବାରର ପୂର୍ଣ୍ଣ ସହଯୋଗ ମିଳୁଛି, ତା'ହେଲେ ଯେ କୌଣସି ସମସ୍ୟା ଆସିଲେ ବି ସେ ତାକୁ ସାହସର ସହ ସାମ୍ନା କରିପାରିବ।'



ସ୍ୱାମୀଙ୍କ ସହ ବିଜୟଲକ୍ଷ୍ମୀ





ସ୍ୱାମୀଙ୍କ ସହ ପ୍ରେମଲତା

**ବ୍ରେଷ୍ଟ କ୍ୟାନ୍ସରକୁ ହରାଇଥିବା ପ୍ରିୟମ୍ବଦା:** ଅନୁଗୋଳର **ପ୍ରିୟମ୍ବଦା ପାଣି**। ବୟସ ପାଖାପାଖି ୬୭ ବର୍ଷ ହେବ। ଏ ବୟସରେ ବି ସେ ବେଶ୍ ଚଳଚଞ୍ଚଳ। ତାଙ୍କର ନିଜର ଏକ ବୁଟିକ୍ ରହିଛି ; ଯେଉଁଥିରେ ୧୨ ଜଣ କାମ କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ପ୍ରିୟମ୍ବଦାଙ୍କୁ ଦେଖିଲେ କେହି ବିଶ୍ୱାସ କରିବେନି ଯେ, ଆଜକୁ ୨୮/୨୯ ବର୍ଷ ପୂର୍ବେ ତାଙ୍କୁ ବ୍ରେଷ୍ଟ କ୍ୟାନ୍ସର ହୋଇ ତାଙ୍କର ଗୋଟିଏ ବ୍ରେଷ୍ଟ ରିମୁଭ୍ କରାଯାଇଛି ବୋଲି। ଏହା ଥିଲା ୧୯୯୬ ମସିହାର ଘଟଣା। ସେତେବେଳେ ପ୍ରିୟମ୍ବଦାଙ୍କ ସ୍ୱାମୀ ଅଚ୍ୟୁତାନନ୍ଦ ପାଣି ଏବଂ ଦୁଇଝିଅ ଓ ଗୋଟେ ପୁଅ ସହ ରାୟଗଡ଼ାରେ ରହୁଥାନ୍ତି। ତାଙ୍କ ସ୍ୱାମୀ ରାୟଗଡ଼ାରେ ଜେକେ ପେପର୍ ମିଲ୍‌ରେ ଜେନେରାଲ ମ୍ୟାନେଜର ଭାବେ କାମ କରୁଥାନ୍ତି। ବଡ଼ ଝିଅ ପ୍ରିୟଙ୍କା ଯୁକ୍ତ୨, ସାନ ଝିଅ ପ୍ରୟୋଧି ଦଶମରେ ପଢୁଥାନ୍ତି ଏବଂ ପୁଅ ଶକ୍ତିପ୍ରସାଦ ମାତ୍ର ୨ ବର୍ଷର ହୋଇଥାନ୍ତି। ଏହି ସମୟରେ ପ୍ରିୟମ୍ବଦାଙ୍କର ଜଣେ ସାଙ୍ଗକୁ ବ୍ରେଷ୍ଟ କ୍ୟାନ୍ସର ହୋଇଥିବା ଖବର ପାଇ ସେ ତାଙ୍କୁ ଦେଖା କରିବାକୁ ଯାଇଥାନ୍ତି। ସାଙ୍ଗଠାରୁ ଏହି ରୋଗର ଲକ୍ଷଣ ସମ୍ପର୍କରେ ସବୁ କଥା ବୁଝି ଫେରିବା ପରେ ଘରେ ସେ ନିଜ ବ୍ରେଷ୍ଟର ପରୀକ୍ଷା କରାନ୍ତି। ତାଙ୍କୁ ଲାଗେ ତାଙ୍କ ବାମପଟ ବ୍ରେଷ୍ଟର ଉପରି ଭାଗରେ ଛୋଟ ମଟର ଦାନା ପରି କ'ଣ ଗୋଟେ ଗେଟାଟେ ହୋଇଛି। ଡାକ୍ତରଙ୍କ ପରାମର୍ଶ ନିଅନ୍ତି କିନ୍ତୁ ଡାକ୍ତର ସେମିତି କିଛି ବିଶେଷ ଅସୁବିଧା ନ ଥିବା କଥା କୁହନ୍ତି। ମାସେ ପରେ ପୁଣି ପ୍ରିୟମ୍ବଦାଙ୍କୁ ଅନୁଭବ ହୁଏ ଯେ, ତା'ଙ୍କ ବ୍ରେଷ୍ଟର ଉପର ଭାଗରେ ଥିବା ମଟର ଦାନା ପରି ଗେଟାଟି ବଢ଼ି ଏବେ ଗୁଆ ଆକାରର ହେଲାଣି। ତା'ସହିତ ବାମ କାଖ ତଳେ ବି ଆଉ ଗୋଟେ ଛୋଟ ଗେଟାଟେ ବାହାରିଛି। ଏଥିସହିତ ବେକ ତଳଠୁ କାଖ ପର୍ଯ୍ୟନ୍ତ ଟିକେ ଟିକେ ଦରଜ ବି ହେଉଛି। ସେ ପୁଣି ଡାକ୍ତରଙ୍କ ପରାମର୍ଶ ନେବାରୁ ଏଥର ତାଙ୍କର ବାୟୋପ୍ସି କରାଗଲା ଆଉ ଟେଷ୍ଟ ପାଇଁ ଟାଟା ମେମୋରିଆଲ୍ ହସ୍‌ପିଟାଲ୍‌କୁ ପଠାଗଲା। କିନ୍ତୁ ସେଠାରୁ ଟେଷ୍ଟ ରିପୋର୍ଟ ଆସିବାକୁ ମାସେ ପାଖାପାଖି ଲାଗିଗଲା। ଏମିତିରେ ଦୁଇମାସ ବିତିଗଲା। ରିପୋର୍ଟ ଆସିବା ପରେ ଜଣାଗଲା, ପ୍ରିୟମ୍ବଦାଙ୍କର କ୍ୟାନ୍ସର ପଜିଟିଭ୍ ଅଛି। ସେତେବେଳେ ପ୍ରିୟମ୍ବଦାଙ୍କର ଜଣେ ଭାଇ ଲଲାଟେନ୍ଦୁ ଷଡ଼ଙ୍ଗୀ ବନାରସର ଏକ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ୍‌ରେ ଅଙ୍କୋଲୋଜିଷ୍ଟ ବା କ୍ୟାନସର୍ ବିଶେଷଜ୍ଞ ଭାବେ କାମ କରୁଥାନ୍ତି। ବିଳମ୍ବ ନ କରି ପିଲାମାନଙ୍କୁ ମାମୁଘରେ ଛାଡ଼ି ପ୍ରିୟମ୍ବଦା ଓ ତାଙ୍କ ସ୍ୱାମୀ ବନାରସ ଭାଇଙ୍କ ପାଖକୁ ଚାଲିଗଲେ। ସେଠାରେ ପରୀକ୍ଷା ନିରୀକ୍ଷା ହୋଇ ପ୍ରିୟମ୍ବଦାଙ୍କୁ ଷ୍ଟେଜ୍-୨ ବ୍ରେଷ୍ଟ କ୍ୟାନ୍ସର୍ ବୋଲି ଜଣାଗଲା। ପ୍ରାୟ ୬ମାସ ସେଠାରେ ରହିଲେ। ତାଙ୍କର ବ୍ରେଷ୍ଟ ରିମୁଭ୍ କରାଗଲା, କେମୋ ଥେରାପି ଚାଲିବା ସହ ରେଡିଏଶନ୍ ବି ଦିଆଗଲା। ପ୍ରତି ୨୧ ଦିନରେ ଥରେ ତାଙ୍କୁ କେମୋ ଦିଆଯାଉଥିଲା ; ଯାହା ଖୁବ୍ ଯନ୍ତ୍ରଣାଦାୟକ ଥିଲା। ଥରେ କେମୋ ନେଲେ ୩/୪ ଦିନ ପର୍ଯ୍ୟନ୍ତ ତାଙ୍କର ବାନ୍ତି ହେଉଥିଲା, ଖାଇବାକୁ ଅରୁଚି ଲାଗୁଥିଲା, ଦୁର୍ବଳ ଅନୁଭବ ହେଉଥିଲା। ତା'ସହିତ ଧୀରେ ଧୀରେ ଚୁଟି ଝଡ଼ିଲା, ଦେହର ରଙ୍ଗ କଳା ପଡିଗଲା, ନଖ କଳା ପଡିଗଲା, ଶରୀର ଓଜନ ବି କମିଗଲା। ଏମିତି ପରିସ୍ଥିତିରେ ବି ସେ ନିଜକୁ ଦୃଢ଼ କଲେ। ଯେତେ କଷ୍ଟ ହେଉଥିଲେ ବି ସବୁ ସହି ଯାଉଥିଲେ। କାରଣ ତାଙ୍କ ବଞ୍ଚିବା ମରିବା ଉପରେ ତାଙ୍କ ପିଲା ୩ଜଣଙ୍କର ଭବିଷ୍ୟତ ନିର୍ଭର କରୁଥିଲା। ଯାହା ହେଉ ୬ମାସର ଚିକିତ୍ସା ପରେ ସେ ଟିକେ ସୁସ୍ଥ ହୋଇ ଘରକୁ ଫେରିଲେ। ଶାଶୁଘର, ବାପଘର ଲୋକ ପାଳି କରି ଆସି ତାଙ୍କ ପାଖେ ରହି ପିଲାମାନଙ୍କର ଦେଖାଚାହାଁ କରୁଥିଲେ। ଅବଶ୍ୟ ପ୍ରତି ୩ମାସ ଅଥବା ୬ମାସକୁ ଥରେ ତାଙ୍କୁ ରୁଟିନ୍ ଚେକ୍‌ଅପ୍ ପାଇଁ ବନାରସ ଯିବାକୁ ପଡୁଥିଲା। ବେଳେବେଳେ କଟକ ଆଚାର୍ଯ୍ୟ ହରିହର୍ କ୍ୟାନ୍ସର ହସ୍‌ପିଟାଲ୍‌କୁ ବି ଯାଉଥିଲେ। ଏଥିସହିତ ଲଗାତର ୫ ବର୍ଷ ଧରି ସେ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡିସିନ ବି ଖାଉଥିଲେ। ତା'ରି ଭିତରେ ବି ବେଳେବେଳେ ତାଙ୍କର ହିମୋଗ୍ଲୋବିନ୍ କମିଯାଉଥିଲା, ଖୁବ୍ ଦୁର୍ବଳ ବି ଅନୁଭବ କରୁଥିଲେ। କିନ୍ତୁ ନିଜ ମନୋବଳକୁ କେବେ ହରାଇବାକୁ ଦେଇନଥିଲେ। ଏ ନେଇ ପ୍ରିୟମ୍ବଦା କୁହନ୍ତି, 'ଯେତେବେଳେ ମୋର ବ୍ରେଷ୍ଟ ଅପରେଶନ୍ ହେବାର ଥିଲା, ସେତେବେଳେ ମୁଁ ଡାକ୍ତରଙ୍କୁ ଗୋଟିଏ କଥା ପଚାରିଥିଲି, ସାର୍ ମୁଁ ଆଉ ୫ବର୍ଷ ବଞ୍ଚିଯିବି ତ! ମୋର ପିଲାମାନେ ଏବେ ଖୁବ୍ ଛୋଟ। ଡାକ୍ତର ମୋତେ ଆଶ୍ୱାସନା ଦେଇ କହିଥିଲେ, ତମେ ୫ବର୍ଷ ନୁହଁ ୨୫ ବର୍ଷ ବଞ୍ଚିବ। ତମର ଯେଉଁ ଅଙ୍ଗଟି ଖରାପ ହୋଇଯାଇଛି, ତାକୁ ଆମେ କାଟି ବାହାର କରିଦେବୁ। ବାସ୍ ତମେ କେବଳ ଖୁସିରେ ରହି ନିଜକୁ ଦୃଢ଼ କର। ଦେଖିବ ସବୁ କିଛି ପୁଣି ଠିକ୍ ହୋଇଯିବ। ଡାକ୍ତରଙ୍କର ଏହି କଥା ପଦକ ମୋତେ ବହୁତ ସାହସ ଦେଇଥିଲା ; ଯାହାର ଫଳସ୍ୱରୂପ ୫ବର୍ଷ ଚିକିତ୍ସାଧୀନ ରହିବା ପରେ ମୁଁ ଆଉ ମେଡିସିନ୍ ଖାଇନି କି ମୋର ଆଉ କ୍ୟାନ୍ସର ପ୍ରତ୍ୟାବର୍ତ୍ତନ ହୋଇନି। ମୁଁ କେବଳ ନିଜକୁ ଫିଟ୍ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ଖାଉଛି ଏବଂ ନିୟମିତ ବ୍ୟାୟାମ୍ କରୁଛି। ଆଉ ସବୁବେଳେ ଖୁସିରେ ରହିବାକୁ ଚେଷ୍ଟା କରୁଛି। ୨୦୨୦ରେ ସ୍ୱାମୀ କରୋନାରେ ଚାଲିଯିବାବେଳେ ମୋତେ ଭାରି କଷ୍ଟ ହୋଇଥିଲା କିନ୍ତୁ ପିଲାମାନେ ମୋତେ ସେତେବେଳେ ସମ୍ଭାଳି ନେଇଥିଲେ। ଏବେ ମୋ ପିଲାମାନେ ଚାକିରି କରି ବାହାସାହା ହୋଇ ନିଜ ନିଜ ପରିବାର ସମ୍ଭାଳିଲେଣି। ଆଉ ମୁଁ ମୋ ବୁଟିକ୍ କଥା ବୁଝିବାରେ ବ୍ୟସ୍ତ ରହି ସମୟ ଅତିବାହିତ କରୁଛି।'





ସ୍ୱାମୀଙ୍କ ସହ ପ୍ରିୟମ୍ବଦା

**ବ୍ରେଷ୍ଟ କ୍ୟାନ୍ସରକୁ ହରାଇ ନୂଆ ଜୀବନ ଜିଉଁଛନ୍ତି ପ୍ରେମଲତା:** ୨୦୧୦ ମସିହାର ଘଟଣା। ସେତେବେଳେ **ପ୍ରେମଲତା ସାହୁ** କେନ୍ଦ୍ରାପଡ଼ା ଆଳିସ୍ଥିତ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷକତା କରୁଥାନ୍ତି। ସ୍ୱାମୀ ଚିତ୍ତରଞ୍ଜନ ସାହୁ ଏବଂ ଝିଅ ସୋନାଲି ଓ ପୁଅ ସୁମିତ୍ ଭୁବନେଶ୍ୱରରେ ରହୁଥାନ୍ତି। ପ୍ରେମଲତାଙ୍କ ସ୍ୱାମୀ ସେ ସମୟରେ ଭୁବନେଶ୍ୱରରେ ଏକ ପ୍ଲାଏଉଡ୍ କମ୍ପାନୀର ମ୍ୟାନେଜର୍ ଭାବେ କାମ କରୁଥାନ୍ତି। ପ୍ରେମଲତା ପ୍ରତି ଶନିବାର ସ୍ୱାମୀ, ପିଲାଙ୍କ ପାଖକୁ ଆସି ପୁଣି ସୋମବାର କେନ୍ଦ୍ରାପଡ଼ା ନିଜ କର୍ମସ୍ଥଳକୁ ଫେରିଯାନ୍ତି। ଏହି ସମୟରେ ପ୍ରେମଲତାଙ୍କୁ ଅନୁଭବ ହୁଏ ଯେ, ତାଙ୍କ ବାମପଟ ବ୍ରେଷ୍ଟରେ ଛୋଟ ଗେଟାଟେ ହୋଇଛି। ବେଳେବେଳେ ଦରଜ ବି ଲାଗୁଛି। କିନ୍ତୁ ସଙ୍କୋଚବଶତଃ ସେ କାହାକୁ ଏକଥା କହୁ ନ ଥାନ୍ତି। ଦରଜ ବଢ଼ିବାରୁ ସେ ଡାକ୍ତରଙ୍କ ପରାମର୍ଶ ନେଲେ। କିନ୍ତୁ ଡାକ୍ତର ଜଣଙ୍କ ତାଙ୍କୁ ବ୍ରେଷ୍ଟ ଫାଇବ୍ରୋସିସ୍ ହୋଇଥିବା କହି କିଛି ମେଡିସିନ୍ ଦେଲେ। ସେ ତାକୁ ଖାଇଲେ ଦରଜ କମିଗଲା। ପୁଣି କିଛିଦିନ ପରେ ଦରଜ ହେବାରୁ ନିଜେ ନିଜେ ରାମଦେବ ମେଡିସିନ୍ ପରେ ପରେ ହୋମିଓପାଥି ମେଡିସିନ୍ ବି ଆଣି ଖାଇଲେ। ଆଉ ତା'ରି ଭିତରେ ସେ ଜଣେ ଡାକ୍ତରଙ୍କୁ ଦେଖାଇ ବାୟୋପ୍ସି କରି ତାଙ୍କୁ ଷ୍ଟେଜ୍-୨ ବ୍ରେଷ୍ଟ କ୍ୟାନ୍ସର ହୋଇଥିବା ଜାଣିବାକୁ ପାଇଲେ। ତା'ପରେ ଚିନ୍ତାରେ ପଡିଲେ ଚିକିତ୍ସା କେଉଁଠି ହେବେ। କାରଣ ତାଙ୍କୁ ଡର ଲାଗୁଥିଲା ଯେ, କାଳେ ଯଦି ଅପରେଶନ ହେବାକୁ ପଡିବ, ତା'ହେଲେ ଟଙ୍କା ଅଧିକ ଖର୍ଚ୍ଚ ହେବ। ସମ୍ପୂର୍ଣ୍ଣ ଠିକ୍ ହେବେ କି ନାହିଁ ତାହା ବି ସନ୍ଦେହ। କିନ୍ତୁ କୌଣସି ଏକ ସୂତ୍ରରୁ ସେ ଜାଣିବାକୁ ପାଇଲେ ଯେ, ଆଜିକାଲି ଆଧୁନିକ ଚିକିତ୍ସା ପଦ୍ଧତିରେ ଆପାତତଃ କମ୍ ଖର୍ଚ୍ଚରେ ବି କ୍ୟାନ୍ସରର ଭଲ ଟ୍ରିଟ୍‌ମେଣ୍ଟ ହେଇପାରୁଛି ଆଉ ଏଥିରୁ ରୋଗୀ ଭଲ ମଧ୍ୟ ହୋଇପାରୁଛନ୍ତି। ବାସ୍ ତା'ପରେ ସେ ଚିକିତ୍ସା ପାଇଁ ଆଗ୍ରହ ପ୍ରକାଶ କଲେ। ତାଙ୍କର ବ୍ରେଷ୍ଟ ଅପରେଶନ ହେଲା। ୬ମାସ ଟ୍ରିଟ୍‌ମେଣ୍ଟରେ ରହିଲେ। ତାଙ୍କୁ ୬ଟି କେମୋ ଆଉ ୨୫ଟି ରେଡିଏଶନ୍ ଦିଆଯାଇଥିଲା। ତା'ସହିତ ସେ ଡାକ୍ତରଙ୍କର ନିୟମିତ ଚିକିତ୍ସାଧୀନ ରହୁଥିଲେ। ଏଥିସହିତ ପ୍ରତି ବର୍ଷକୁ ଥରେ ଟାଟା ମେମୋରିଆଲ୍ ହସ୍‌ପିଟାଲ୍ ଯାଇ ସେଠାରେ ରୁଟିନ୍ ଚେକ୍‌ଅପ୍ ବି କରାଉଥିଲେ। ସେଠାରେ ତାଙ୍କୁ କିଛି ମେଡିସିନ୍ ଦିଆଯାଉଥିଲା ; ଯାହାକୁ ସେ ୧୦ ବର୍ଷ ପର୍ଯ୍ୟନ୍ତ ଖାଇଥିଲେ। ଏଥିସହିତ ନିୟମିତ ଯୋଗ, ପ୍ରାଣାୟମ କରିବା ଆଉ ତାଙ୍କର ଗଭୀର ଈଶ୍ୱର ବିଶ୍ୱାସ ଯୋଗୁ ସେ କ୍ରମେ ଠିକ୍ ହେବାକୁ ଲାଗିଲେ। ସେବେଠାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏ ନେଇ ପ୍ରେମଲତା କୁହନ୍ତି, 'ମୋତେ ଯେତେବେଳେ କ୍ୟାନ୍ସର ବୋଲି ଜାଣିଲି ଖୁବ୍ ଭାଙ୍ଗି ପଡିଥିଲି। କାଳେ ମରିଯିବି ସେଥିପାଇଁ ବହୁତ ଡର ଲାଗୁଥିଲା। କିନ୍ତୁ ମୋ ସ୍ୱାମୀ ମୋତେ ବହୁତ ସପୋର୍ଟ କରିଥିଲେ, ପିଲାମାନେ ବି ମୋର ମନୋବଳକୁ

→





ରାଜଶ୍ରୀ

ବଢାଇଥିଲେ। ତା'ସହିତ ଡାକ୍ତରମାନେ ବି ମୋର ଆତ୍ମବିଶ୍ୱାସ ବଢାଇବା ସହ ମୋତେ ଦୃଢ଼ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତଙ୍କ ଆଶୀର୍ବାଦରୁ ମୁଁ ଭଲ ହେଲି, ପୁଣି ଯାଇ ମୋ କର୍ମକ୍ଷେତ୍ରରେ ଯୋଗ ଦେଲି। କେମୋ ଥେରାପି ଯୋଗୁ ଚୁଟି ଝଡ଼ିଯାଇଥିଲେ ବି ମୁଣ୍ଡରେ ଚୁନି ଗୁଡ଼ାଇ ଯେତେବେଳେ ମୁଁ ମୋ ସ୍କୁଲ୍‌ରେ ପହଞ୍ଚିଲି ଖୁସିରେ ମୋ ସହଯୋଗୀମାନେ ମୋତେ ସମ୍ବର୍ଦ୍ଧନା ଦେଇଥିଲେ। ସମସ୍ତଙ୍କ ଭଲ ପାଇବା ମୋତେ ପୁଣି ଦୃଢ଼ ହେବାକୁ ବାଧକଲା। ୟା'ଭିତରେ ଅନେକ ବର୍ଷ ବିତିଗଲାଣି। ମୁଁ ଚାକିରିରୁ ଅବସର ବି ନେଇସାରିଲିଣି। ମୋ ପିଲାମାନେ ଚାକିରି କରି ନିଜ ନିଜ ଗୋଡ଼ରେ ଛିଡ଼ା ହେଲେଣି। ସମସ୍ତଙ୍କ ସହଯୋଗ ଓ ପ୍ରଭୁଙ୍କ ଆଶୀର୍ବାଦରୁ ମୁଁ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ତେଣୁ ମୁଁ ଗୋଟିଏ କଥା କହିବି, ଯାହାର ମନୋବଳ ଯେତେ ଦୃଢ଼ ସେ ସେତେ ଶକ୍ତ ଓ କାର୍ଯ୍ୟକ୍ଷମ ହୋଇପାରିବ। କୌଣସି ରୋଗ ତାକୁ ଭାଙ୍ଗି ଦେଇପାରିବ ନାହିଁ।'

**ଓଭାରିଆନ୍ କ୍ୟାନସର୍ ସହ ଏବେ ବି ଲଢୁଛନ୍ତି ରାଜଶ୍ରୀ:** ମୁମ୍ବାଇରେ ସପରିବାରେ ରୁହନ୍ତି **ରାଜଶ୍ରୀ ମହାନ୍ତି**। ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ। ସ୍ୱାମୀ ଜଗତ୍‌ଜିତ୍ ମହାନ୍ତି ଓ.ଏନ୍.ଜି.ସିରେ ଜେନେରାଲ ମ୍ୟାନେଜର୍ ଭାବେ କାମ କରନ୍ତି। ଝିଅ ଦିବ୍ୟାଙ୍ଗ। ଝିଅର ଭବିଷ୍ୟତକୁ ନେଇ ସବୁବେଳେ ଚିନ୍ତାରେ ଥାନ୍ତି ରାଜଶ୍ରୀ। ଏହାରି ଭିତରେ ଜଣାଯାଏ, ତାଙ୍କୁ ଓଭାରିଆନ୍ କ୍ୟାନ୍‌ସର୍ ହୋଇଛି, ସେ ପୁଣି ଷ୍ଟେଜ୍-୪। ହିନ୍ଦୁଜା ହସ୍‌ପିଟାଲ୍‌ର ଡାକ୍ତର ହେମନ୍ତ ସନଗାଓଁକର୍ ତାଙ୍କୁ ଅପରେଶନ ପାଇଁ ପରାମର୍ଶ ଦିଅନ୍ତି। ଅପରେଶନ ହୁଏ। ଓଭାରି ସାଙ୍ଗକୁ ୟୁଟ୍ରସ୍, ୫ଟି ଲିମ୍ଫ ନୋଡ୍ସ, ଇଣ୍ଟେଷ୍ଟାଇନ୍‌ରୁ ୧୩ ଇଞ୍ଚ ଏମିତି ଭାବେ ତାଙ୍କର ତଳିପେଟରୁ ପ୍ରାୟ ୧୪ କି.ଗ୍ରା ଓଜନର ବିଭିନ୍ନ ସଂକ୍ରମିତ ଅଙ୍ଗକୁ କାଢ଼ି ଦିଆଯାଏ ସୁରକ୍ଷା ଦୃଷ୍ଟିକୋଣରୁ। ଅପରେଶନ ପରେ ତାଙ୍କର କେମୋ ଚାଲେ ; ଯାହା ଏବେ ବି ଚାଲିଛି। ବର୍ତ୍ତମାନ ସୁଦ୍ଧା ସେ ୩୦/୩୫ଟି କେମୋ ନେଇସାରିଲେଣି। ଆଉ ଏବେ ସେ ନାନାବତୀ ହସ୍‌ପିଟାଲରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଅଙ୍କୋଲୋଜିଷ୍ଟ ସୁରେଶ ଆଡଭାନି ଏବଂ ଶିଭମ୍ ସିଙ୍ଗଲାଙ୍କ ଅଧିନରେ ଚିକିତ୍ସିତ ହେଉଛନ୍ତି। କେମୋର ପ୍ରଭାବରେ ଶରୀର ଦୁର୍ବଳ ହୋଇପଡିଥିଲେ ବି ମାନସିକ ଭାବେ ସେ ବେଶ୍ ଦୃଢ଼। ଆଉ ମନରେ ଭଗବତ୍ ବିଶ୍ୱାସ ରଖି ସେ ହସଖୁସିରେ ବଞ୍ଚିବାକୁ ନିଜ ଭିତରେ ଆଶା ସଞ୍ଚାର କରି ଚାଲିଛନ୍ତି। ଯେତେ ଯନ୍ତ୍ରଣା ହେଉଥିଲେ ବି, ସେ ଉଦାସ ନ ହୋଇ ବରଂ ହସି ହସି ସବୁକୁ ସହିଯାଉଛନ୍ତି। ଏନେଇ ରାଜଶ୍ରୀ କୁହନ୍ତି, 'ମୋତେ ମୋ ପରିବାରକୁ ସମ୍ଭାଳିବାର ଅଛି, ମୋ ପିଲା ଦୁହିଁଙ୍କୁ ମଣିଷ କରିବାର ଅଛି। ଯଦି ଯନ୍ତ୍ରଣା ହେଉଛି ବୋଲି ଦୁଃଖରେ ଭାଙ୍ଗିପଡିବି, ତା'ହେଲେ ଏସବୁ ସମ୍ଭବ ହେବ କେମିତି! ତେଣୁ ସ୍ୱାମୀ ଓ ପରିବାରର ସହଯୋଗରେ ନିଜକୁ ଦୃଢ଼ କରି ଆଗକୁ ଆଗେଇ ଚାଲିଛି। ବାକି ସବୁ ଭଗବାନଙ୍କ ଉପରେ ଛାଡ଼ିଦେଇଛି।'

**ବ୍ରେଷ୍ଟ କ୍ୟାନସର୍ ସହ ଲଢ଼ିବା ସ୍ନେହଲତାଙ୍କର ଜାରି ରହିଛି:** ନାଁ ତାଙ୍କର **ସ୍ନେହଲତା ଲେଙ୍କା**। କିନ୍ତୁ ସାହିତ୍ୟ ଜଗତରେ ସେ ସ୍ନେହଲତା ଦାସ ଲେଙ୍କା ଭାବେ ବେଶ୍ ପରିଚିତା। ସ୍ୱାମୀ ସୁଶାନ୍ତ କୁମାର ଲେଙ୍କା ଏବଂ ଦୁଇ ପୁଅ ପିୟୁଷ ଓ ସ୍ମିତପ୍ରଜ୍ଞଙ୍କୁ ନେଇ ତାଙ୍କର ଖୁସିର ସଂସାର। କିନ୍ତୁ ୨୦୨୪ରେ ଯେମିତି ତାଙ୍କ ଖୁସିରେ କାହାର ନଜର ଲାଗିଗଲା। ସ୍ନେହଲତାଙ୍କୁ ବ୍ରେଷ୍ଟ କ୍ୟାନସର୍ ହୋଇଥିବା ଜଣାଗଲା, ସେ ପୁଣି ଷ୍ଟେଜ୍-୩। ଅବଶ୍ୟ ଏହାର ୨/୩ ବର୍ଷ ପୂର୍ବରୁ ସ୍ନେହଲତାଙ୍କର ଡାହାଣପଟ ବ୍ରେଷ୍ଟରେ ଛୋଟ ଗେଟାଟିଏ ହୋଇଥିବାର ନିଜେ ସ୍ନେହଲତା ଜାଣିବାକୁ ପାଇଥିଲେ। ଡାକ୍ତରଙ୍କ ପରାମର୍ଶ ନେବାରୁ ଡାକ୍ତର କହିଲେ ବେଳେବେଳେ ହର୍ମୋନ୍ ଇନ୍‌ବାଲାନ୍ସ ଯୋଗୁ ଏମିତି ହୁଏ, କିଛି ଚିନ୍ତା କରିବାର ନାହିଁ। ତେଣୁ ସ୍ନେହଲତା ଚୁପ୍ ହୋଇ ବସିପଡିଲେ। ହେଲେ କିଛିଦିନ ପରେ ସ୍ନେହଲତାଙ୍କର ତଳିପେଟ ଖୁବ୍ ଦରଜ ହେବା ସହ ବ୍ରେଷ୍ଟର ସେହି ଛୋଟ ଗେଟାଟି ଆଉ ଟିକେ ବଡ ହୋଇଯାଇଥିବାର ସେ ଅନୁଭବ କଲେ। ପୁଣି ଡାକ୍ତରଙ୍କ ପରମର୍ଶ ନେଲେ। ଏଥର ଡାକ୍ତର ତାଙ୍କର ବିଭିନ୍ନ ପ୍ରକାର ଟେଷ୍ଟ କରାଇ ଜାଣିବାକୁ ପାଇଲେ ଯେ, ତାଙ୍କୁ ବ୍ରେଷ୍ଟ କ୍ୟାନସର୍ ହୋଇଛି ବୋଲି। ଏକଥା ଜଣାପଡିବା ପରେ ସ୍ନେହଲତାଙ୍କ ସ୍ୱାମୀ ଖୁବ୍ ଭାଙ୍ଗିପଡିଲେ। ହେଲେ ସ୍ନେହଲତା କିନ୍ତୁ ନିଜକୁ ଦୃଢ଼ କଲେ। କାରଣ ତାଙ୍କୁ ତାଙ୍କ ପରିବାର ପାଇଁ ବଞ୍ଚିବାର ଥିଲା। ତେଣୁ ଅପରେଶନ ପାଇଁ ସେ ନିଜେ ନିଷ୍ପତି ନେଲେ। ଅପରେଶନ ହେଲା, କେମୋ ଚାଲିଲା ଆଉ ତା'ସାଙ୍ଗକୁ ରେଡିଏଶନ୍ ବି ଦିଆଗଲା। କେମୋର ଯନ୍ତ୍ରଣା ଏତେ କଷ୍ଟଦାୟକ ଥିଲା ଯେ, ତାକୁ ସହ୍ୟ କରିବା ଅସମ୍ଭବ ଥିଲା। କିନ୍ତୁ ପିଲାମାନଙ୍କ ପାଇଁ ସବୁ କଷ୍ଟକୁ ସ୍ନେହଲତା ସହି ଚାଲିଲେ। ଚୁଟି ଉପୁଡିଗଲା, ଶରୀର କଳା ପଡିଗଲା, ସୌନ୍ଦର୍ଯ୍ୟ କ୍ଷୁର୍ଣ୍ଣ ହେଲା ; ଯାହା ସ୍ନେହଲତାଙ୍କର ମନୋବଳକୁ ଖୁବ୍ ଆଘାତ ଦେଉଥିଲା। କିନ୍ତୁ ଏହି ସମୟରେ ତାଙ୍କ ସ୍ୱାମୀ ତାଙ୍କର ସାହାସ ବନିଲେ। ତାଙ୍କୁ ପୁଣିଥରେ ଖୁସିରେ ବଞ୍ଚିବାକୁ ରାହା ଦେଖାଇଲେ। ତାଙ୍କୁ ଭଗବାନଙ୍କ ନାମ ଜପିବାକୁ କହିଲେ। ସବୁବେଳେ ତାଙ୍କ କାନପାଖେ ବସି ତାଙ୍କୁ ପ୍ରଭୁଙ୍କର ଭଜନ ଶୁଣାଉଥିଲେ। ତା'ସାଙ୍ଗକୁ ମ୍ୟୁଜିକ୍ ଥେରାପିର ସୁବିଧା ବି କରାଇ ଦେଇଥିଲେ। ଧୀରେ ଧୀରେ ସ୍ନେହଲତା ଭଲ ହେଲେ। କିନ୍ତୁ ତାଙ୍କର ଚିକିତ୍ସା ସମ୍ପୂର୍ଣ୍ଣ ସରିନି। ଏବେ ବି ମଝିରେ ମଝିରେ ତାଙ୍କୁ କେମୋ ନେବାକୁ ପଡୁଛି। କିନ୍ତୁ ସେ କେମୋ ପାଇଁ ଯିବାବେଳେ ହସି ହସି ଯାଉଛନ୍ତି। କେମୋ ୱାର୍ଡରେ ଥିବା ଅନ୍ୟ ରୋଗୀମାନଙ୍କ ସହ ଖୁସିରେ କଥା ହେଉଛନ୍ତି। ଆଉ ତା'ରି ଭିତରେ ଗୀତ ଗାଇ ସେମାନଙ୍କ କଷ୍ଟକୁ ଲାଘବ କରିବାକୁ ଚେଷ୍ଟା କରୁଛନ୍ତି। ଏନେଇ ସ୍ନେହଲତା କୁହନ୍ତି, 'ମୁଁ ସିନା କାହାର କଷ୍ଟକୁ ସମ୍ପୂର୍ଣ୍ଣ ଦୂର କରିପାରିବିନି, ହେଲେ ତାହାକୁ କିଛି ମାତ୍ରାରେ କମେଇ ତ ପାରିବି। ସେଥିପାଇଁ ଗୀତ ଗାଉଛି। ତା'ସହିତ ସ୍ୱାମୀ ଓ ପରିବାର ପାଇଁ ନିଜକୁ ଦୃଢ଼ କରୁଛି। କାରଣ ଯନ୍ତ୍ରଣାର ବି ଗୋଟେ ସୌନ୍ଦର୍ଯ୍ୟ ଅଛି, ତାକୁ ଉପଭୋଗ କରାଯାଉ ବୋଲି ଭାବେ। କେହି କେହି କୁହନ୍ତି, ଏହା ମୋର ପ୍ରାରବ୍ଧ, ପୂର୍ବ ଜନ୍ମର କର୍ମଫଳ। କିନ୍ତୁ ମୁଁ କହିବି ଜୀବନଟେ ଅଛି ମାନେ ଯନ୍ତ୍ରଣା ରହିବା ସ୍ୱାଭାବିକ। ଦେହଟେ ଧରିଚି ମାନେ ରୋଗଟେ ରହିବ, ତାକୁ ନେଇ ଏତେ ବ୍ୟତିବ୍ୟସ୍ତ କାହିଁକି। ଜୀବନ ସାତ ରଙ୍ଗ ନୁହେଁ ସତ ର ରଙ୍ଗ ଦେଖାଏ। ଯନ୍ତ୍ରଣା ଜୀବନର ମହତ୍ତ୍ୱକୁ ଉପଲବ୍ଧି କରାଏ। ମୁଁ ଭଗବାନଙ୍କୁ ଧନ୍ୟବାଦ ଦେବି ମୋତେ ଜୀବନ ସହିତ ପରିଚିତ କରେଇ ଥିବାରୁ। ନିଜେ ନିଜର ହାତ ଧରି ନିଜ ପାଇଁ ଗୁଣ୍ଠୁ ଗୁଣେଇବା ଶିଖେଇ ଥିବାରୁ।'

ସତରେ ଏମାନଙ୍କ ଆତ୍ମବଳ ହିଁ ଏମାନଙ୍କର ବଡ଼ ଶକ୍ତି ପାଲଟିଛି। ସେଥିପାଇଁ ତ ଏମାନେ କ୍ୟାନ୍‌ସର ଭଳି ମାରାତ୍ମକ ରୋଗକୁ ଖାତିର୍ ନକରି ଆଗକୁ ବଢି ଚାଲିଛନ୍ତି ଆଉ ଜଣେ ଜଣେ କ୍ୟାନ୍‌ସର ଯୋଦ୍ଧା ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ବି ପାଲଟିଛନ୍ତି।

**-ଅନ୍ବିତା ମିଶ୍ର**





ସ୍ୱାମୀଙ୍କ ସହ ସ୍ନେହଲତା



# ପାଠକଙ୍କ ମତାମତ ମୋର ପ୍ରେରଣା

''ଛୋଟ ଥିବାବେଳେ ମୋର ଜଣେ ବଡ଼ଭାଇ ଆମ ଘରେ ଗୋଟିଏ ଛୋଟ ପାଠାଗାର ସ୍ଥାପନ କରିଥିଲେ। ସେଇ ପାଠାଗାରରେ ଥିବା ପୁସ୍ତକଗୁଡ଼ିକ ଭିତରେ ଅନେକ ପୁରାତନ ସାହିତ୍ୟ ଥିଲା। ବୁଝେ ନ ବୁଝେ ମୁଁ ସେଥିରୁ ଅନେକ ପୁସ୍ତକ ମୋ ଛୋଟ ବେଳୁ ପଢ଼ି ଦେଇଥିଲି ।''

ଏକାଧାରରେ ସେ ଜଣେ ଗୀତିକବି, ଗାଳ୍ପିକ ଓ ପ୍ରାବନ୍ଧିକ। ଏକାଧାରାରେ ସେ ରଚନା କରିଛନ୍ତି ଅନେକ ଗଳ୍ପ, କବିତା ଓ ପ୍ରବନ୍ଧ। ତାଙ୍କ ସୃଜନ ସମ୍ଭାରରେ ରହିଛି ପ୍ରାୟ ୨୮ଖଣ୍ଡ ପୁସ୍ତକ । ସେଥିମଧ୍ୟରେ ୮ଟି ଗୀତିକବିତା, ୧୪ଟି ଶିଶୁ ସାହିତ୍ୟ ଓ ୫ଟି କ୍ଷୁଦ୍ରଗଳ୍ପ ଓ ଗୋଟିଏ ଅନୂଦିତ କାବ୍ୟ। ସେ ହେଲେ **ହଂସନାଥ ମୁଦୁଲି**। ମାତା ସ୍ୱର୍ଗତ ତଅପୋଇ ମୁଦୁଲି ଓ ପିତା ସ୍ୱର୍ଗତ ବନ୍ଧୁ ମୁଦୁଲି। ଘର କଟକ ସହର ଉପକଣ୍ଠ 'ଅଇନୀ' ଗ୍ରାମରେ। ବର୍ତ୍ତମାନ ସେ ରହୁଛନ୍ତି ଭୁବନେଶ୍ୱରରେ। ସେ କୁହନ୍ତି, ''ଶିଶୁ କବିତାରୁ ମୋର ଲେଖାଲେଖିର ଆରମ୍ଭ। ପରେ ହାଇସ୍କୁଲରେ ପଢୁଥିବା ସମୟରେ ଗୀତ ଓ କବିତା ଲେଖିଲି। ଗାଁ ଚାଟଶାଳୀ ପାଠ ପରେ ଘରପାଖର ଏକ ବିଦ୍ୟାଳୟରେ ୪ର୍ଥ ଓ ୫ମ, ବେଣ୍ଟକାର ମଧ ବିଦ୍ୟାଳୟରେ ୬ଷ୍ଠ, ୭ମ ଶ୍ରେଣୀ ପରେ ନୂଆବଜାର ଉଚ୍ଚବିଦ୍ୟାଳୟ, କଟକରେ ମାଟ୍ରିକୁଲେଶନ। ତା'ପରେ ରେଭେନଶାରେ ବିଜ୍ଞାନରୁ ପାଠ ଆରମ୍ଭ କରିଥିଲେ ବି କଳା ଓ ବାଣିଜ୍ୟରେ ସ୍ନାତକ ଏବଂ ଉଭୟ ସାଧାରଣ ପ୍ରଶାସନ ଓ ଓଡ଼ିଆରେ ସ୍ନାତକୋତ୍ତର ଉପାଧି ଲାଭ କରିଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ବେଳରୁ ମୋର ବିଭିନ୍ନ କବିତା, ଗୀତିକବିତା ଓ ଗପଲେଖା ଅଭ୍ୟାସ ଜାରିରହିଥିଲା। ପାଠପଢ଼ାର ମଧ ଅବସ୍ଥାରେ ପ୍ରଥମେ କିଛି ମାସ ଚାକିରିରେ ଯୋଗ ଦେଇଥିଲି ପ୍ରୋଭିଡେଣ୍ଟ ଫଣ୍ଡ୍ କମିଶନ ଅଫିସ୍‌ରେ। ତା'ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଯୋଗଦେଇଥିଲି। ସମୟକ୍ରମେ ଓଡ଼ିଶାର କେତେକ ଶାଖା ଏବଂ ବାହାର ରାଜ୍ୟରେ ଥିବା ବିଭିନ୍ନ ଶାଖାରେ କାର୍ଯ୍ୟକରିଥିଲି। ଅବସର ପରେ ଏବେ ପୁରାପୁରି ଲେଖାଲେଖିରେ ମନୋନିବେଶ କରିଛି। '' କାହିଁକି ଲେଖାଲେଖି କରିବାର ଇଚ୍ଛା ହେଲା ପଚାରିବାରେ ସେ କୁହନ୍ତି, ''ଲେଖିବା ପାଇଁ ମୋର ଆଗ୍ରହ ସୃଷ୍ଟି ହେବାର କାରଣ ଖୋଜିଲେ କେତୋଟି କଥା ମନକୁ ଆସେ। ପ୍ରଥମତଃ ଛୋଟ ଥିବାବେଳେ ମୋର ଜଣେ ବଡ଼ଭାଇ ଆମ ଘରେ ଗୋଟିଏ ଛୋଟ ପାଠାଗାର ସ୍ଥାପନ କରିଥିଲେ। ସେଇ ପାଠାଗାରରେ ସେ ରଖିଥିବା ପୁସ୍ତକଗୁଡ଼ିକ ଭିତରେ ଅନେକ ପୁରାତନ ସାହିତ୍ୟ ଥିଲା। ବିଶେଷକରି ରୀତିଯୁଗୀୟ କବିମାନଙ୍କ ରଚିତ ପୁସ୍ତକ। ବୁଝେ ନ ବୁଝେ ମୁଁ ସେଥିରୁ ଅନେକ ପୁସ୍ତକ ମୋ ଛୋଟ ବେଳୁ ପଢ଼ି ଦେଇଥିଲି। ମୁଁ ଭାବେ ସେଇଠାରୁ ବୋଧେ ମୋର ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ଦ୍ୱିତୀୟତଃ ମୁଁ ଯେତେବେଳେ ଲେଖାଲେଖି ଆରମ୍ଭ କରିଥିଲି ସେତେବେଳେ କିଛି କବିତାକୁ ସମାଜର ଶିଶୁରାଇଜ ପୃଷ୍ଠା ପାଇଁ ପଠାଉଥିଲି। ସେଗୁଡ଼ିକ ପ୍ରକାଶିତ ହେଉ ନ ଥିଲା। ବୋଧେ ସେ ଲେଖାଗୁଡ଼ିକ ପ୍ରକାଶିତ ହେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରୁ ନ ଥିଲ। ଏଥିଯୋଗୁ ମୋ ମନ ସବୁବେଳେ ଦୁଃଖ ରହୁଥିଲା। ଆହୁରି କେମିତି ଲେଖିଲେ ମୋ ଲେଖା ପ୍ରକାଶ ପାଇବ ସେ କଥା ଭାବୁଥିଲି। ମାଟ୍ରିକ ପଢ଼ିବା ବେଳେ ରେଡିଓରୁ ଗୀତ ଶୁଣିବା ଏକପ୍ରକାର ଅଭ୍ୟାସରେ ପଡ଼ିଯାଇଥିଲି। ସେଇଠୁ ମୋର ଗୀତିକବିତା ଲେଖିବାକୁ ଆଗ୍ରହ ସୃଷ୍ଟି ହୋଇଥିଲା। ତେଣୁ ଧୀରେ ଧୀରେ ଗୀତିକବିତା ଲେଖିବା ଆରମ୍ଭ କରିଥିଲି। ଯେତେବେଳେ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଯୋଗ ଦେଲି ସେତେବେଳେ ମଧ୍ୟ ଲେଖାଲେଖିକୁ ଭୁଲି ନ ଥିଲି। ଚାକିରି କାଳରେ ପ୍ରାୟ ଚାଳିଶ ବର୍ଷ ବିତିଲା। ସେ ସମୟରେ ବିଭିନ୍ନ ବ୍ୟାଙ୍କର ଶାଖା ଏବଂ ପ୍ରଶାସନିକ କାର୍ଯ୍ୟାଳୟ ଯାଉଥିଲି । ସେହି ଅଞ୍ଚଳରେ ଘଟିଥିବା ବିଭିନ୍ନ ଅନୁଭୂତିକୁ ନେଇ ଗପ ଓ କବିତା ରଚନା କରୁଥିଲି। ବିଶେଷକରି ଗୀତିକବିତା ଓ ଗପ ଲେଖିବାକୁ ଅଧିକ ପସନ୍ଦ କରୁଥିଲି। ୨୦୧୩ ଫେବୃଆରୀ ୨୮ତାରିଖରେ ଚାକିରିରୁ ଅବସର ପରେ ମଧ୍ୟ ସୃଜନାତ୍ମକ କାର୍ଯ୍ୟକୁ ଜାରି ରଖିଛି। ମୁଁ ଲେଖିଥିବା ଗୀତିକବିତା ଭିତରେ 'ଜଗାକାଳିଆ ମୋ ଗଳାମାଳିଆ', 'ମନ ନଈ ସ୍ମୃତି ଢେଉ', 'ସାଗର ସେପାରି ବାଲି', 'ମନଅଗଣାର ଫୁଲ', 'ଜଗତର ନାଥ ବୋଲି', 'ମନପ୍ରଜାପତି ଉଡ଼େ ପ୍ରୀତିଫୁଲେ', 'ମନବଗିଚାର ହସ ଫୁଲଟି' ଓ 'ଦେଶ ମୋ ଭାରତବର୍ଷ' ଆଦି ଅନ୍ତର୍ଭୁକ୍ତ। ସେମିତି ଶିଶୁ ସାହିତ୍ୟରେ 'କାଗଜଡ଼ଙ୍ଗା', 'ମୃତ ସାଗର', 'ଦୁନିଆ ପାରିବା ଦେଖି', 'ସାନବଡ଼ ନୁହେଁ କେହି ଜଗତେ', 'ଆକାଶର ମନ ଆକାଶଛୁଆଁ', 'ନୂଆ ବରଷର ନୂଆ କବିତା', 'ଉଡ଼ନ୍ତା ମାଛ', 'ଆମ ଭାଷାରେ ତାଙ୍କ ଗଳ୍ପ' (ଅନୂଦିତ), 'କିରଣ ଜ୍ୟୋତ୍ସ୍ନା', 'ସହର କହିଲା ଗାଁକୁ', 'ଛୋଟ ଏକ ଗାଁ ଅଇନୀ ତାର ନାଁ' ଆଦି ଅନ୍ତର୍ଭୁକ୍ତ। ଗଳ୍ପରେ 'ଅନ୍ଧକାରର ଆଲୋଡ଼ନ', 'ଅଦେଖା ଦେଖା', 'ଜୀବନଯୁଦ୍ଧ ଓ ଅନ୍ୟାନ୍ୟ ଗଳ୍ପ', 'ପଞ୍ଚାମ୍ରିକା' (ସହ ଗାଳ୍ପିକ) 'କଥା ଉପକଥା' ଏବଂ 'ସହଯାତ୍ରୀ ଓ ଅନ୍ୟାନ୍ୟ ଗଳ୍ପ' ଆଦି ରହିଛି। ଅନୁବାଦ ଭିତରେ ଗୋଟିଏ ଶିଶୁଗଳ୍ପ ଓ ଗୋଟିଏ କାବ୍ୟ ରହିଛି। ''







ତାଙ୍କ ସାହିତ୍ୟ କୃତି ପାଇଁ ଓଡ଼ିଶାର ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ତାଙ୍କୁ ୪୦ରୁ ଊର୍ଦ୍ଧ୍ୱ ସମ୍ମାନ ଓ ପୁରସ୍କାର ମିଳିଛି। ସେଗୁଡ଼ିକ ମଧରେ ସରଗଶଶି, ଝୁମୁକା, ଶିଶୁ ବଜାର, ଶ୍ରୀକ୍ଷେତ୍ର ଶିଶୁ ସାହିତ୍ୟ ସଂସଦ, ଶିଶୁ ସମାଚାର, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟ, ପୁଣ୍ୟପ୍ରଜ୍ଞା ଗୀତିମଞ୍ଚ, ପ୍ରତିଭା ସମ୍ମାନ, ସଂସାର ସମ୍ମାନ, ଗୀତିଗଙ୍ଗୋତ୍ରୀ, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର, ଓଡ଼ିଆ ଗୀତିକବି ସମାଜ ଅନ୍ନପୂର୍ଣ୍ଣା ନନ୍ଦ ଗୀତିକବି ସମ୍ମାନ, ସୃଜନସ୍ୱପ୍ନ ଓ ଜଗତ୍‌ସିଂହପୁର ସାହିତ୍ୟ ପରିଷଦ ଆଦି ଅନ୍ୟତମ।


ସ୍କୁଲ ବୟସରୁ ତାଙ୍କର ଲେଖାଲେଖି ନିଶା ଆଜି ତାଙ୍କୁ ଜଣେ ସାହିତ୍ୟିକର ପରିଚୟ ଦେଇଛି। ସେ କୁହନ୍ତି, ''ମୋ ଲେଖା ପାଠ କଲା ପରେ ଅନେକ ସମୟରେ ପାଠକମାନେ ଚିଠି ବା ଫୋନ୍ ମାଧ୍ୟମରେ ଯେଉଁ ପ୍ରକାର ମତାମତ ପ୍ରଦାନ କରିଥାନ୍ତି ତାହା ମୋତେ ଆନନ୍ଦ ଦେବା ସହିତ ଲେଖାଲେଖି ପାଇଁ ପ୍ରେରଣା ଦେଉଛି।

–ବନବିହାରୀ ବେହେରା







# ଗଣତନ୍ତ୍ରରେ ଯୋଗଦାନ

-ବିଚିତ୍ର ବିଶ୍ୱାଳ

ମୁଁ ସନିଆ ମଳିକ। ଗ୍ରାମ- ଜଗନ୍ନାଥପୁର ମଳିକସାହି। ବୟସ - ୬୧।



ମୋ ନାଁ, ଗାଁ କି ବୟସରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ କି ଗପ ହେବାର କିଛି ଉପାଦାନ ବି ନାହିଁ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଗତ ଦଶ ବର୍ଷ ହେବ ମୋ ବୟସ ଆଉ ବଢ଼ିନି। ଏଇ ଦଶ ବର୍ଷରେ ମୁଁ ମୋ ନିତ୍ୟକର୍ମ କିଛି କରିନି, ଖାଇନି, ପିଇନି, ଝାଡ଼ା ଯାଇନି କି ଶୋଇନି ବି। ଆଶ୍ଚର୍ଯ୍ୟ ହେଉଛନ୍ତି! ମୁଁ ବଞ୍ଚିଛି କେମିତି! ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। କାରଣ ମୁଁ ବଞ୍ଚିଥିଲେ ସିନା ଏସବୁ କରିପାରିଥାନ୍ତି। ମୁଁ ଦଶ ବର୍ଷ ତଳୁ ମରିସାରିଛି। ଗୋଟେ ଅଜଣା ରୋଗରେ ପଡ଼ି ଟଙ୍କା ଅଭାବରୁ ଚିକିତ୍ସା ହୋଇ ନ ପାରି ମୁଁ ମରିଗଲି। ମୁଁ ମିଛ କହୁନି। ମୁଁ କେଉଁ ନେତା, ମନ୍ତ୍ରୀ କି ସଭା ବଡ଼ ମନ୍ତ୍ରୀ ନୁହେଁ ଯେ ମିଛ କହିବି। ମୁଁ ପୂରା ସତ ହିଁ କହୁଛି।

ସନିଆ ମଳିକ। ଗ୍ରାମ- ଜଗନ୍ନାଥପୁର ମଳିକସାହି। ବୟସ- ୬୧, ମୃତ୍ୟୁ ତାରିଖ- ଜୁଲାଇ ୧୨, ୨୦୧୫।

ପୁଣି ଆଶ୍ଚର୍ଯ୍ୟ ହେଉଛନ୍ତି! ମରି ସାରି ମୁଁ କଥା କହିପାରୁଛି କିପରି! ଆପଣମାନଙ୍କ ସୂଚନା ପାଇଁ କହୁଛି, ମୁଁ କେବଳ କଥା କହିପାରୁନି, ମୁଁ ଆହୁରି ବଡ଼ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ କାମ ବି କରିପାରୁଛି। ମୃତ୍ୟୁ ପରେ ବି ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଗତ ଦଶ ବର୍ଷ ହେବ ମୁଁ ପଦକ୍ଷେପ ନେଇଆସୁଛି। ସରକାର ଗଢ଼ିବାରେ ଯୋଗଦାନ ଦେଉଛି। ହଁ, ଠିକ୍ କହିଲି, ପ୍ରତ୍ୟେକ ନିର୍ବାଚନରେ ମୁଁ ଭୋଟ ଦେଇ ସରକାର ଗଢ଼ିବା ପାଇଁ ଭୂମିକା ନିଭାଉଛି।

ମୁଁ ସିନା ମରିଯାଇଛି ବୋଲି ଭାବି ଦଶ ବର୍ଷ ହେବ ନୀରବି ଯାଇଥିଲି। କିନ୍ତୁ ଜଣେ ବାବୁ ହିଁ କାଗଜ ପତର ଖୋଳତାଡ଼ କରି ବାହାର କରିଛନ୍ତି, ଗତ ତିନି ଚାରୋଟି ନିର୍ବାଚନରେ ମୁଁ ଭୋଟ ଦେଇଛି। ଯଦିଓ କାଳି ମାରିବାକୁ ମୋର ଆଙ୍ଗୁଠି ବି ନାହିଁ। ଗଣତନ୍ତ୍ରକୁ ବଞ୍ଚେଇ ରଖିବା ପାଇଁ ଏହାଠାରୁ ବଡ଼ ପଦକ୍ଷେପ କ'ଣ ହୋଇପାରେ କହିଲେ! ଯାହା ହେଉ ଏ ବ୍ୟବସ୍ଥାକୁ ଧନ୍ୟବାଦ, ନିର୍ବାଚନ କମିଶନଙ୍କ ପାଖରେ ମୁଁ ଋଣୀ। ମୁଁ ମରିସାରିବା ପରେ ବି ମୋତେ ସ୍ୱାର୍ଥପର ହେବାର ସୁଯୋଗ ନ ଦେଇ ଦେଶ ନିର୍ମାଣ କାର୍ଯ୍ୟରେ ଲଗାଇଛନ୍ତି। ମୋ ଭୋଟକୁ ବଞ୍ଚେଇ ରଖିଛନ୍ତି। ସେଇଥିପାଇଁ ତ ଆଜି ସେମାନଙ୍କୁ ଧନ୍ୟବାଦ ଦେବାକୁ ପାଟିଟା ଖଲଖଲ ହେଲା। ସବୁଠୁ ବେଶି ଖୁସି ଲାଗୁଛି ମୋ ଭୋଟ ପାଇଥିବା ଦଳ ହିଁ ଦେଶରେ ଶାସନ କରୁଛି।

-ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ପାଞ୍ଚୋଟି ଏକପଦୀ

-ଡ.ଭରତ ଚନ୍ଦ୍ର ଦାଶ

ଏମିତି ପରୀକ୍ଷା କରୁଛ ଗୋ ସଖୀ
ହୃଦୟେ ସ୍ପନ୍ଦନ ବଢ଼େ
ପ୍ରତୀକ୍ଷାର ଜ୍ୱାଳା ମୋ ପ୍ରାଣକୁ ଦହେ
ପୀଡ଼ନ ଯାତନା ଗଢ଼େ ।

**ଦୁଇ**

ତୁମ ପଥ ସଖୀ ଚାହିଁଛି ସଳଖି
ପ୍ରୀତିର ପୂଜକ ହୋଇ
ସୀମା ସରହଦ ପ୍ରେମ ଦେଖେ ନାହିଁ
ନିବେଦିତ ହୃଦ ନେଇ ।

**ତିନି**

ବଞ୍ଚିତ ପ୍ରାଣରେ ଲୋଡ଼ିଥିଲି ପ୍ରୀତି
ପ୍ରେମର ପରଶ ଆଶେ
ମୋ ହୃଦୟ ବ୍ୟଥା ବୁଝିଲନି ତୁମେ
ଜଳୁଛି ପରାଣ ତ୍ରାସେ ।

**ଚାରି**

ମୋ ହୃଦୟ ଗାତ୍ରେ ତୁମେ ତ ରଚିଛ
ପ୍ରଣୟର ଚାରୁ କୀର୍ତ୍ତି
କେମିତି କହିବି ମୋ କାବ୍ୟନାୟିକା
ପ୍ରଣୟର ଦିବ୍ୟ ମୂର୍ତ୍ତି ।

**ପାଞ୍ଚ**

ଅଯାଚିତ ଚିତ୍ତେ ଅରପିଛ ତୁମେ
ହୃଦୟେ ସାଇତା ସ୍ମୃତି
ଦେହ ଦେଉଳରେ ତୁମେ ତ ରଚିଛ
ପ୍ରଣୟର ମଧୁ ଗୀତି ।

-ମାର୍କୋଣା, ବାଲେଶ୍ୱର
ମୋ: ୮୯୮୪୪୩୯୧୬୬

## ଆସ୍ଥାରେ ଆଲୋକ

-ମିନାକ୍ଷୀ ଦ୍ୱିବେଦୀ

ଆସ୍ଥା ଅଦୃଶ୍ୟ ହେଉଥିଲେ ମଧ ଅନୁଭବି
ଏକ ଅନ୍ଧ ଆଖିର ଦୃଷ୍ଟି,
ଏକ ଅନ୍ତଃକୋଣର ଶବ୍ଦ,
ଏହା ଏକ ତତ୍ତ୍ୱ ଯେଉଁଥିରେ ଅନ୍ତର୍ଜ୍ଞାନ ଓ ବିଶ୍ୱାସ
ମିଶି ଯାଆନ୍ତି ଅବିଚ୍ଛିନ୍ନ ଝରଣା ଭଳି
ମନୁଷ୍ୟ ତ ଅନିଶ୍ଚିତତାର ପୁତୁଳି,
ପ୍ରତି ପଦକ୍ଷେପ ଏକ ଅଜଣା ଶୂନ୍ୟ ପଥ
ତଥାପି ସେ ଚାଲେ, କାହିଁକି ନା..ସେ ଜାଣେ
ଆସ୍ଥା ନାମକ ଅନ୍ତଃଶକ୍ତି
ରହିଛି ଅସ୍ତିତ୍ୱର ମୂଳରେ,
ଆସ୍ଥା  ଧର୍ମର ଭିତ୍ତି ନୁହେଁ,
ଏହା ହେଉଛି ତତ୍ତ୍ୱର ଉତ୍ସ
ଯେଉଁଠି ଯୁକ୍ତି ଥମିଯାଏ
ସେଠାରେ ଆସ୍ଥା ଆଗକୁ ବଢ଼େ।
ଏହା ଅନ୍ତରର ଆଲୋକ
ଯାହା ଅନ୍ଧାରରେ ମଧ ଦିଗ ଦେଖାଏ
ଏହା ଜୀବନର ଗୁହ୍ୟ ସୂତ୍ର
ଦେଖି ପରେ ବିଶ୍ୱାସ କରିବା ନୁହେଁ,
ବିଶ୍ୱାସ କରି ପରେ ଦେଖିବା
ନିରାଶର ନିଃଶ୍ୱାସ ମଧରେ ଶାନ୍ତି ଖୋଜିବା
ବିଭ୍ରାନ୍ତି ମଧରେ ପଥ ଚିହ୍ନଟ କରିବା,
ଭଙ୍ଗୁର ଅସ୍ଥିରତା ମନରେ ଥାଏ ଯେଉଁ ଶକ୍ତି
ନିଜ ଉପରେ ଥିବା ଏକ ଦୃଢ ଆଶ୍ରୟ
ପତନ ମଧ୍ୟରୁ ଉଠିବା ଜନ୍ମ ଶକ୍ତି
ସେଇ ହେଉଛି ଆସ୍ଥା
ଅନ୍ତଃକରଣର ଶୁଭ ସୃଷ୍ଟି।

-ଗୁରୁଗ୍ରାମ
ମୋ: ୭୯୭୮୦୮୨୮୩୪



# ମଉଳିନି ଆଶା

ସୈଫ ଅଲ୍ଲୀ ଖାଁଙ୍କ ପୁଅ ଇବ୍ରାହିମ୍। ଚଳିତ ବର୍ଷ ସେ ବଲିଉଡ୍‌ରେ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଛନ୍ତି। ହେଲେ ତାଙ୍କ ଅଭିନୀତ ପ୍ରଥମ ସିନେମା 'ନାଦାନିୟାଁ' ବକ୍ସ ଅଫିସରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। କରନ୍ ଜୋହର ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ ଥିଲେ। ନେଟ୍‌ଫ୍ଲିକ୍ସରେ ଚିତ୍ରଟି ଚଳିତ ବର୍ଷ ମାର୍ଚ୍ଚ ୭ରେ ରିଲିଜ ହୋଇଥିଲେ ମଧ୍ୟ ଦର୍ଶକ ତାହାକୁ ଗ୍ରହଣ କରି ନ ଥିଲେ। ତେବେ ପ୍ରଥମ ସିନେମା ଫ୍ଲପ୍ ହୋଇଥିଲେ ମଧ୍ୟ ଭାଙ୍ଗି ପଡିନାହାନ୍ତି ଇବ୍ରାହିମ୍। ଏ ବିଷୟରେ ସେ କହନ୍ତି, ''ମୋର ନିଜ ଅଭିନୟ ଉପରେ ଦୃଢ଼ ବିଶ୍ୱାସ ରହିଛି। ପ୍ରଥମ ସିନେମା ଫ୍ଲପ୍ ହୋଇଥିଲେ ମଧ୍ୟ ସେ ନେଇ ଅଧିକ ମନଦୁଃଖ କରୁନାହିଁ। କାରଣ ଅସଫଳତାରୁ ହିଁ ସଫଳତାର ମନ୍ତ୍ର ମିଳିଥାଏ। ତେଣୁ ଭବିଷ୍ୟତରେ ମୋତେ ନିଶ୍ଚୟ ଭଲ ସିନେମା ଏବଂ ଭୂମିକା ମିଳିବ ବୋଲି ଦୃଢ଼ ବିଶ୍ୱାସ ରହିଛି। କରନ୍ ଅଙ୍କଲ ହେଉଛନ୍ତି ମୋ ମେଣ୍ଟର। ତାଙ୍କର ଟିପ୍ସ ଦିନେ ନା ଦିନେ ମୋତେ ନାୟକ ଦୌଡରେ ସାମିଲ କରିବ।'' ଇବ୍ରାହିମ୍ ଏହାପୂର୍ବରୁ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ୨୦୦୮ରେ ରିଲିଜ ହୋଇଥିବା ସୈଫଙ୍କ ଅଭିନୀତ 'ଟସନ୍'ରେ ସେ ତାଙ୍କର ପିଲାଦିନ ଚରିତ୍ରରେ ଅଭିନୟ କରିଥିଲେ।


ଇବ୍ରାହିମ

# କହୁ କହୁ କହିଦେଲେ..

ପଞ୍ଜାବୀ ସିନେମା ଜଗତର ସେ ଜଣେ ବେଶ୍ ପରିଚିତା ଅଭିନେତ୍ରୀ। ଏହାବ୍ୟତୀତ ସେ ତାମିଲ, ତେଲୁଗୁ ଏବଂ ହିନ୍ଦୀ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। ସେ ହେଲେ ସୋନମ ବାଜୱା। ନିକଟରେ ସେ କହୁ କହୁ ଗୋଟିଏ କଥା କହିଦେଇଛନ୍ତି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। କଥା କ'ଣ କି ସୋନମଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୯ରେ ଆଉ ଫିଲ୍ମଟି ଥିଲା 'ବାଲା'। ଏହାପୂର୍ବରୁ ତାଙ୍କୁ କେତୋଟି ହିନ୍ଦୀ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। କିନ୍ତୁ ସେ ଅଫରଗୁଡିକୁ ସୋନମ୍ ପ୍ରତ୍ୟାଖ୍ୟାନ କରିଥିଲେ। ତା'ମଧ୍ୟରେ ଏକ ଭଲ ଅଫର୍‌କୁ ବି ସେ ସେହି ସମୟରେ ହାତଛଡା କରିଥିଲେ। ଆଉ ତା'ପଛରେ କି କାରଣ ଥିଲା ତାହା ଉପରୁ ସୋନମ ନିକଟରେ ପରଦା ହଟାଇଛନ୍ତି। ଏ ବିଷୟରେ ସେ କହନ୍ତି, ''ସତ କଥା କହିବାକୁ ଗଲେ ସେତେବେଳେ ଯେଉଁ ଭଲ ଅଫରଟି ମିଳିଥିଲା ସେଥିରେ କେତୋଟି ଲିପ୍-ଲକ୍ ଶଟ୍ ଦେବାକୁ ଥିଲା। ବାସ୍, ସେଭଳି ଶଟ୍‌କୁ ନେଇ ମୁଁ ଅଡୁଆରେ ପଡିଥିଲି। ଆଉ ଶେଷରେ ଅଫର୍‌ଟିକୁ ହାତଛଡା କଲି। କାରଣ ଅଯଥା ଅଙ୍ଗ ପ୍ରଦର୍ଶନ କରି ବାହାବା ନେବା ସପକ୍ଷରେ ମୁଁ ନୁହେଁ।'' ସୋନମ ଅଭିନୟ କରିଥିବା ହିନ୍ଦୀ ସିନେମାଗୁଡିକ ହେଲା-'ଷ୍ଟ୍ରିଟ୍ ଡ୍ୟାନ୍ସର ଥ୍ରୀଡି, 'ହାଉସଫୁଲ ୫' ଏବଂ 'ବାଗୀ ୪'। ଅନ୍ୟପକ୍ଷରେ ସନ୍ନି ଦେଓଲ ଏବଂ ବରୁଣ ଧାୱନଙ୍କୁ ନେଇ ପ୍ରସ୍ତୁତ 'ବର୍ଡର ୨'ର କାଷ୍ଟିଂରେ ବି ସେ ଅଛନ୍ତି। ଏହି ଫିଲ୍ମଟି ଆସନ୍ତାବର୍ଷ ଜାନୁୟାରୀ ୨୨ରେ ରିଲିଜ ହେବାକୁ ଯାଉଛି।


ସୋନମ

# ଶେଷ ହେଲା ଅପେକ୍ଷା

ଗୋଟିଏ କଥାକୁ ସୋନାକ୍ଷୀ ସିହ୍ନା ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ତାହା କ'ଣ ଜାଣନ୍ତି ? ସେ ଅଭିନୟ କରିଥିବା ତେଲୁଗୁ ସିନେମା 'ଜଟାଧାରା' କେବେ ରିଲିଜ ହେବ ? ଯାହାହେଉ ଚିତ୍ରଟି ଚଳିତ ମାସ ପ୍ରଥମ ସପ୍ତାହରେ ପରଦା ଉପରକୁ ଆସୁଛି। କେବଳ ତେଲୁଗୁ ନୁହେଁ ଏହାକୁ ହିନ୍ଦୀ ଭାଷାରେ ମଧ୍ୟ ନିର୍ମାଣ କରାଯାଇଛି। ତେବେ ଏହାର ମୁକ୍ତିଲାଭ ତାରିଖ ୨-୩ଥର ବଦଳିବା ପରେ ଶେଷରେ ତାହା ନଭେମ୍ବର ପ୍ରଥମ ସପ୍ତାହରେ ରିଲିଜ ହେବ ବୋଲି ଗତ ସପ୍ତାହରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ଫିଲ୍ମର ଏକ ବିଶେଷତ୍ୱ ରହିଛି। ତାହା ହେଉଛି ଏହି ଫିଲ୍ମଟି ସୋନାକ୍ଷୀଙ୍କ ଅଭିନୀତ ପ୍ରଥମ ତେଲୁଗୁ ସିନେମା। ବଲିଉଡ୍ ଏବଂ ଓଟିଟି ପ୍ଲାଟଫର୍ମରେ ପ୍ରାୟ ୧୫ ବର୍ଷ ଧରି ଅଭିନୟ ଜାରି ରଖିଥିବା ଏହି ଅଭିନେତ୍ରୀଙ୍କର ଏହି ଚଳଚ୍ଚିତ୍ର ମାଧ୍ୟମରେ ଦୀର୍ଘଦିନର ଏକ ଆଶା ପୂରଣ ହୋଇଛି। ଏ ବିଷୟରେ ସେ କହନ୍ତି, ''ତେଲୁଗୁ ଫିଲ୍ମରେ ଅଭିନୟ କରିବି ବୋଲି ମୋର ଦୀର୍ଘବର୍ଷର ଆଶା ଥିଲା। ଯାହାହେଉ ତାହା ପୂରଣ ହୋଇଛି। ଏଥିରେ ମୋ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ରଖିଛି।'' ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଭେଙ୍କଟ କଲ୍ୟାଣ। ଏଥିରେ ସୁଧୀର ବାବୁ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବେଳେ ଶିଳ୍ପା ଶିରୋଦକରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


ସୋନାକ୍ଷୀ

# ସ୍ୱରାଜଙ୍କ ନୂଆ ଅବତାର

ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା ହେଉଛନ୍ତି ସ୍ୱରାଜ ବାରିକ। ଇତି ମଧ୍ୟରେ ସେ ବେଶ୍ କେତୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି। ତରଙ୍ଗ ସିନେ ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ତଥା ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ତୁ ମୋ ଲଭ୍ ଷ୍ଟୋରି'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ଏକ ଟିନ୍ ଏଜ୍ ପ୍ରେମ କାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମାରେ ତାଙ୍କ ଅପୋଜିଟ୍‌ରେ ଥିଲେ ଭୂମିକା ଦାଶ। ପ୍ରଥମ ସିନେମାରେ ହିଁ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। ଖୁବ୍‌ଶୀଘ୍ର ସେ ଏକ ନୂଆ ରୂପରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଆଉ ସିନେମାଟି ହେଲା 'ସ୍ୱାଗ୍ ରାଜା'। ଗୁରର୍ଭି ପ୍ରଡକ୍ସନ ବ୍ୟାନରରେ ଏବଂ ସିଦ୍ଧାର୍ଥ ମ୍ୟୁଜିକ ସହାୟତାରେ ଏହାକୁ ନିର୍ମାଣ କରାଯାଉଛି। ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ସଂଗ୍ରାମ ତ୍ରିପାଠୀ ଏବଂ ସାଇ ସନାତନ। ଏହାକୁ ପରିକଳ୍ପନା କରିବା ସହ ଏକ୍‌ଜିକ୍ୟୁଟିଭ ପ୍ରଯୋଜକ ଅଛନ୍ତି ସମ୍ବିତ ଜେନା। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାଶ ଏବଂ ପ୍ରଣବ ପ୍ରସନ୍ନ ରଥ। ଗୀତଗୁଡିକର ସ୍ୱର ଦେଇଛନ୍ତି ବର୍ତ୍ତମାନର ଆଗଧାଡିର ସ୍ୱର ସଂଯୋଜକ ଗୌରବ ଆନନ୍ଦ। କ୍ୟାମେରା ପରିଚାଳନାରେ ଅଛନ୍ତି ବିଭୂତି ଭୂଷକ ବିଶ୍ୱାଳ। ସବୁଠାରୁ ଖାସ୍ କଥା ହେଲା, ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସୁପରହିଟ୍ ଓଡ଼ିଆ ସିନେମା 'ବୋଉ ବୁଟୁ ଭୂତ'ରୁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିଥିବା ନିର୍ଦ୍ଦେଶକ ଜଗଦୀଶ ମିଶ୍ର।


ସ୍ୱରାଜ

# ଇଚ୍ଛା ପୂରଣ ହେଲା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ରଜନୀକାନ୍ତଙ୍କ ଭଳି ନାମୀ ଅଭିନେତାଙ୍କ ସହ ଅଭିନୟ କରିବାକୁ କେଉଁ କଳାକାରଙ୍କର ଇଚ୍ଛା ନ ଥାଏ କହିଲେ ? ସେଥିରୁ ବିଦ୍ୟା ବାଲାନ୍ ବା ବାଦ୍ ପଡନ୍ତେ କିପରି ? ଏବେ 'ଜେଲର୍ ୨' ଟାଇଟଲ୍‌ବିଶିଷ୍ଟ ଏକ ତାମିଲ ଫିଲ୍ମ ନିର୍ମିତ ହେଉଛି। ଆସନ୍ତା ବର୍ଷ ଜୁନ୍ ୧୨ରେ ଏହି ସିନେମା ପରଦା ଉପରକୁ ଆସିବାର ଯୋଜନା ରହିଛି। ତେବେ ଏହି ଫିଲ୍ମର କାଷ୍ଟିଂରେ ବିଦ୍ୟାଙ୍କୁ ସାମିଲ କରାଯାଇଛି। ଏଥିରେ ସେ ମିଥୁନ ଚକ୍ରବର୍ତ୍ତୀଙ୍କ ଝିଅ ଭୂମିକାରେ ଅଭିନୟ କରିବେ। ମିଥୁନ୍ ଏହି ଫିଲ୍ମର ମୁଖ୍ୟ ଖଳନାୟକ ସାଜୁଛନ୍ତି। ଏ ବିଷୟରେ ବିଦ୍ୟା କହନ୍ତି,''ରଜନୀକାନ୍ତଙ୍କ ଭଳି ଭର୍ସାଟାଇଟଲ୍ ଅଭିନେତାଙ୍କ ସହ ଅଭିନୟ କରିବି ବୋଲି ଯେତେବେଳେ ଜାଣିଲି ମୋ ଖୁସିର ସୀମା ରହି ନ ଥିଲା। ଏଥିରେ ମୋତେ ଯେଉଁ ଚରିତ୍ରଟି ମିଳିଛି ତାହାକୁ ଠିକ୍ ଭାବରେ କିପରି ତୁଲାଇ ପାରିବି ସେ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଫିଲ୍ମଟି ବକ୍ସ ଅଫିସ୍‌ରେ ରେକର୍ଡ କରିବ ବୋଲି କେତେକ ସିନେ ସମୀକ୍ଷକ ପୂର୍ବାନୁମାନ କରିସାରିଲେଣି।'' ଏଥିରେ ବିଦ୍ୟାଙ୍କ ଭୂମିକାରେ ଇମୋଶନ୍ ଭରି ରହିଛି। ଖାସ୍ କଥା ହେଲା ବିଦ୍ୟା ପ୍ରଥମ ଥର ପାଇଁ ତାମିଲ ଫିଲ୍ମରେ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ନେଲସନ ଦିଲୀପକୁମାର।


ବିଦ୍ୟା

# କବିତା ରଚନାରୁ ଅଭିନେତ୍ରୀ

ନବାଗତା ଅନୀତ ପଡ୍ଡା। ଚଳିତ ବର୍ଷର ଅନ୍ୟତମ ଚର୍ଚ୍ଚିତ ଫିଲ୍ମ 'ସୈୟାରା'ରୁ ସେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ କରିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଥିଲେ ନବାଗତ ଅହାନ ପାଣ୍ଡେ। ଫିଲ୍ମଟି ରିଲିଜ ହେବା ବେଳେ କେହି କେବେ କଳ୍ପନା କରି ନ ଥିଲେ ଯେ, ଏହା ଏତେ ଦର୍ଶକାଦୃତ ହେବ। ମାତ୍ର ୪୫ କୋଟି ବଜେଟ୍‌ରେ ପ୍ରସ୍ତୁତ ଚିତ୍ରଟି ବକ୍ସ ଅଫିସରେ ୫୦୦କୋଟିରୁ ଅଧିକ ଆୟ କରିବାରେ ସକ୍ଷମ ହୋଇଥିଲା। ପିଲାଟିବେଳୁ ଅନୀତ୍‌ଙ୍କର ଅଭିନୟ ପ୍ରତି ରୁଚି ରହିଥିଲା। ସ୍କୁଲରେ ପଢ଼ିବା ବେଳେ ସେ କବିତା ରଚନା କରୁଥିଲେ। ବାସ୍, ଏହି ସମୟରେ ହିଁ ତାଙ୍କ ମନକୁ ଆସିଥିଲା ଯେ 'ମୁଁ ଯଦି ଅଭିନୟ କରନ୍ତି କେମିତି ହୁଅନ୍ତା ?' ବାସ୍, ନିର୍ଦ୍ଦେଶକ ମୋହିତ ସୁରୀ ତାଙ୍କର ଏହି ଇଚ୍ଛା ପୂରଣ କରିଥିଲେ। ଅନୀତ କୁହନ୍ତି, ''କବିତା ରଚନା ହିଁ ମୋତେ ଜଣେ ଅଭିନେତ୍ରୀ ହେବାକୁ ଅନୁପ୍ରାଣିତ କରିଥିଲା। ମୋ ପ୍ରଥମ ସିନେମା 'ସୈୟାରା' ସୁପରହିଟ୍ ହେବା ପରେ ଏବେ ଆକ୍ଟିଂ କ୍ୟାରିୟରକୁ ନେଇ ଆହୁରି ସିରିୟସ ହୋଇଛି। ଯେତେ ଅଫର ମିଳିଲେ ମଧ୍ୟ ଦେଖିଚାହିଁ ଫିଲ୍ମ ସାଇନ୍ କରିବି।'' ବର୍ତ୍ତମାନ ଅନୀତ ଆଉ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ମାଡ୍ଡକ ହରର୍ କମେଡି ୟୁନିଭର୍ସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ସେ ନାୟିକା ସାଜୁଛନ୍ତି। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ ଆୟୁଷ୍ମାନ ଖୁରାନା। ତେବେ ଏହି ଫିଲ୍ମଟି ଅନୀତ୍‌ଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।


ଅନୀତ

# ଅଦିନ ମେଘକୁ ଭରଷା ନାହିଁ, ଚୋରା ପୀରତିରେ ଗ୍ୟାରେଣ୍ଟି ନାହିଁ

**ପ୍ରଶ୍ନ**–ଜଣେ ସୁନ୍ଦରୀ ସହ ମୋର ଚୋରା ପୀରତି ଚାଲିଛି। ହେଲେ ଏଭଳି ପ୍ରେମ ଉପରେ କେତେ ଭରଷା ଅଛି କହିବେ କି ସାଥୀ ?

–ସୁମନ କୁମାର, କଟକ

**ଉତ୍ତର:** ଚୋରା ପୀରତି ମନକୁ କ୍ଷଣିକ ଆନନ୍ଦରେ ଉତ୍ଫୁଲିତ କରିଦିଏ–ଏକଥା ସତ, ହେଲେ କେତେବେଳେ ଏହା ଶେଷ ହୋଇଯିବ ତାହା ଆକଳନ କରିବା କଷ୍ଟକର। କାରଣ 'ଅଦିନ ମେଘକୁ ଭରଷା ନାହିଁ, ଚୋରା ପୀରତିରେ ଗ୍ୟାରେଣ୍ଟି ନାହିଁ।' ଯେତେବେଳେ ସେହି ସୁନ୍ଦରୀ ସହ ଏଭଳି ପ୍ରେମ ସମ୍ପର୍କ ଆରମ୍ଭ କଲେ ସେତେବେଳେ ଆପଣଙ୍କୁ ଚାରିଆଡ ପ୍ରେମମୟ ଦେଖାଯାଉଥିବ। କାରଣ ସେଭଳି ପ୍ରେମର ନିଶା ଟିକିଏ ଅଧିକ ଗାଢ଼। ହେଲେ ଏହି ପ୍ରେମ କେତେବେଳେ ପାଣି ଫୋଟକା ପରି ମିଳେଇ ଯିବ ତାହା ନିଜେ ମଧ ଜାଣିପାରିବେ ନାହିଁ। ତେଣୁ ସମୟ ଅଛି, ସୁଧୁରି ଯାଆନ୍ତୁ। ପ୍ରେମରେ ଯଦି ବାସ୍ତବତା ରହିଲା ତେବେ ତାହା ସକସେସ୍ ହେବାର ଅଧିକ ଚାନ୍ସ ଅଛି।

**ପ୍ରଶ୍ନ**–ମୁଁ ଜଣେ ଝିଅକୁ ମନ ପ୍ରାଣ ଦେଇ ଭଲ ପାଉଛି। ହେଲେ ଏବେ ଶୁଣୁଛି ଯେ, ମୁଁ କୁଆଡେ ତାହାର ୩ ନମ୍ବର ପ୍ରେମିକ। ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ?

–ପ୍ରଦୀପ ନାୟକ, ଅନୁଗୋଳ

**ଉତ୍ତର:** ଶୁଣା କଥାରେ ସତ୍ୟତା ନ ଥାଏ। ହେଲେ କେତେକ ଏହାର ସୁଅରେ ଭାସି ଯାଇ ବାଟବଣା ହୋଇଥାଆନ୍ତି। କିଏ କ'ଣ କହିଲା, ତାହାକୁ ଯଦି ବିଶ୍ୱାସ କରି ଆପଣଙ୍କ ପ୍ରେମ ମୀନାରରେ ନିଆଁ ଲଗାଇ ଦେବେ ତା'ହେଲେ ନିମିଷକ ମଧ୍ୟରେ ତାହା ଜଳିପୋଡି ପାଉଁଶ ହୋଇଯିବ। ତେଣୁ ଯଦି ଦୁହିଁଙ୍କ ଭିତରେ ବିଶ୍ୱାସ ରହିଛି ତେବେ ନିଜ ପ୍ରେମକୁ ନେଇ ନିର୍ଭୟରେ ଆଗାନ୍ତୁ।

**ପ୍ରଶ୍ନ**–ଏବେ ମୁଁ କଲେଜରେ ପଢୁଛି। ପ୍ରେମ କରିବାକୁ ମନ କୁତୁକୁତୁ ହେଉଛି। ହେଲେ କାହାକୁ ମୋ ମନର ମଇନା ବନାଇବି ଜାଣିପାରୁନି। କ'ଣ କରିବି ?

–ଆଶୁତୋଷ ସାହୁ, ସୁନାବେଡା

**ଉତ୍ତର:** 'ମନରେ ଲାଗିଲେ ପ୍ରେମର ଡେଣା, କ୍ଷଣିକରେ ହୁଏ ଆନମନା।' ଏବେ କଲେଜରେ ପଢୁଛନ୍ତି। ନୂଆ ପରିବେଶକୁ ମନରେ ନୂଆ ଉନ୍ମାଦନା। ତେଣୁ ଏଭଳି ସ୍ଥିତିରେ ମନର ମାନସୀଟିଏ ଖୋଜିବାକୁ ଆପଣଙ୍କର ମନ ଆଉଟି ପାଉଟି ହେଲାଣି, ନୁହେଁ ? ଏ ନେଇ ବ୍ୟସ୍ତ ହେଲେ ସମସ୍ୟାର ସମାଧାନ ହେବ ନାହିଁ। ତଥାପି ଯଦି କେହି ମନରେ ବସା ବାନ୍ଧେ ତେବେ ତାହାକୁ ଆଗେଇ ନେବା ସହ ପାଠ ପ୍ରତି ବି ଦୃଷ୍ଟି ଦେବାକୁ ପଡିବ। ତେଣୁ ମନଲାଖି ପ୍ରେମିକାଟିଏ ପ୍ରଥମେ ଖୋଜି ପାଆନ୍ତୁ। ତା'ପରେ ନିଜର ପ୍ରେମ ଗାଡିର ସ୍ପିଡ୍ ଧୀରେ ଧୀରେ ବଢ଼ାଇବେ।

**ପ୍ରଶ୍ନ**–ପ୍ରେମରେ କେଉଁମାନେ ଅଧିକ ଧୋକା ଦିଅନ୍ତି–ପୁଅ ନା ଝିଅ ?

–ଅଭିଜିତ ଦାସ, ଖୋର୍ଦ୍ଧା

**ଉତ୍ତର:** ଯଦି ପ୍ରେମ କରୁଛନ୍ତି ତେବେ ଧୋକା ଭାଇରସ୍‌କୁ ନେଇ ଏତେ ଚିନ୍ତିତ ହୁଅନ୍ତୁ ନାହିଁ। ଆପଣଙ୍କ ପ୍ରେମ ଯଦି ଶରତ ଆକାଶ ପରି ନିର୍ମଳ ତେବେ ତା' ଭିତରକୁ 'ଧୋକା' ଭାଇରସ୍ ପ୍ରବେଶ କରିବା ଆଶଙ୍କା ବହୁତ କମ୍। ତେଣୁ ସେଭଳି କଥାରେ ମୁଣ୍ଡ ନ ଖେଳାଇ ନିଜ ପ୍ରେମର ଫାଉଣ୍ଡେଶନ କିପରି ଆହୁରି ଦୃଢ଼ ହେବ ସେ ନେଇ ଯୋଜନା କରନ୍ତୁ। ଦୁହେଁ ଦୁହିଁଙ୍କ ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। ଦେଖିବେ ଆପଣଙ୍କର ପ୍ରେମ ମିଶନ୍ ସଫଳ ହେବାର ଚାନ୍ସ ଅଧିକ ରହିଛି।



ସାଥୀ

## ପ୍ରଥମ ରୋଜଗାର

# 'ଖୁସି ଓ ଲୁହରେ ବତୁରା ଦରମା ମାଆ ହାତରେ ଧରେଇଦେଲି'



ଶିକ୍ଷକ ତଥା ସାହିତ୍ୟିକ **ଡ. ଦ୍ୱିତୀ ଚନ୍ଦ୍ର ସାହୁ** ପ୍ରଥମ ରୋଜଗାରର ଅନୁଭୂତି ସମ୍ପର୍କରେ ଯାହା କୁହନ୍ତି...

ନଡ଼ାଛପର ଘର। ମାଟି କାନ୍ଥ। ଗୋବର ଲିପା ଚଟାଣ। ପ୍ରଶସ୍ତ ବାଡ଼ି ଅଗଣା। ସେଇଠି ଜାତିଜାତିକା ଗଛ ଓ ପନିପରିବା। ତିନି ବଖରିଆ ମାଟି ଘରେ ସଂଖ୍ୟାଧିକ ପରିବାର ସଦସ୍ୟ। ଅତି ଦରିଦ୍ର ପରିବାର। ବାପାଙ୍କ ଦେହାନ୍ତ ପରେ ମାଆ ସର୍ବେସର୍ବା। ଅଭାବର ଦୁନିଆ ଭିତରେ ବି ବଡ଼ ଓ ଭଲ ମଣିଷ ହେବାର ସ୍ୱପ୍ନ ବୁଣାଏ ସେ ନିତି। ନୀତି ଓ ଆଦର୍ଶର କଥା କହେ ସବୁବେଳେ। ମୋର ଛୋଟ ଛୋଟ ଆଖି ଓ ଛୋଟ ଛୋଟ ମନରେ ଅସୁମାରୀ ସ୍ୱପ୍ନ ଭରିଯାଏ। କିନ୍ତୁ ସାହି ଓ ଗାଁରେ ଅନ୍ୟର ସିମେଣ୍ଟ ଘର ଦେଖିଲେ ପୁଳାଏ ଦୁଃଖ ମାଡି ବସେ। ପିଲାଟି ଦିନରୁ ଭାବେ ସତରେ ଆମର ବି ସିମେଣ୍ଟ ପିଣ୍ଡାଟିଏ ଥାଆନ୍ତା କି? ଛାତ ଘରଟିଏ ଥିଲେ ବର୍ଷା ଋତୁରେ ନଡାଛପର ଘରୁ ପାଣି ଗଳି ଘର ବି କାଦୁଅ ହୁଅନ୍ତାନି। କିନ୍ତୁ ସେମିତି କିଛି ହୁଏନି। ସବୁବେଳେ ଭାବନା ଆସେ, ଅଭାବର ଦୁନିଆ ଭିତରେ ମରି ହଜିଯାଏ। ପିଲାଟି ଦିନରୁ ଇଞ୍ଜିନିୟର ହେବାର ସ୍ୱପ୍ନରେ ପାଠ ପଢା ଚାଲିଲା। ପ୍ରଥମ ଶ୍ରେଣୀରେ ସବୁଠି ଉତ୍ତୀର୍ଣ୍ଣ ହେଲି। ସୌଭାଗ୍ୟକୁ ମାଇନିଂ ଇଞ୍ଜିନିୟରରେ ଭର୍ତ୍ତି ହେବା ଲାଗି ଦାଖଲା ପତ୍ର ବି ଆସିଲା। କିନ୍ତୁ ଜଏନ ହେବା, ରହିବା ଓ ଖାଇବା ଲାଗି ଅର୍ଥ ଯୋଗାଡ଼ ପରିବାର ପକ୍ଷେ ସମ୍ଭବ ନ ଥିବାରୁ ଶେଷରେ ଭାଗ୍ୟ ଟାଣି ନେଲା ଶିକ୍ଷକ ପ୍ରଶିକ୍ଷଣ ବିଦ୍ୟାଳୟ ଆଡ଼କୁ। ଦୁଇ ବର୍ଷ ତାଲିମ ପରେ ବି ହାତକୁ ଆସିଲାନି ଶିକ୍ଷକ ଚାକିରି। ନିଯୁକ୍ତି ଏକପ୍ରକାର ବନ୍ଦ ହୋଇ ଯାଇଥିଲା ସେତେବେଳେ। ତା'ପରେ ସାମ୍ବାଦିକତାରେ ଯୋଗଦାନ। ଶେଷରେ ବିଷୁପଦ ସେଠୀ ଜିଲାପାଳ ଭାବେ ଯୋଗଦାନ ପରେ ଆମକୁ ନିୟମିତ ଶିକ୍ଷକ ଭାବେ ନିଯୁକ୍ତି ମିଳିଲା। କଞ୍ଚା ଯୁବ ଅବସ୍ଥାରେ ହାତକୁ ସରକାରୀ ଚାକିରି। ଘରେ ପ୍ରଚୁର ଖୁସି। ମୋ ମନରେ ବି ଅସୁମାରୀ ଆନନ୍ଦ। ଚାହୁଁ ଚାହୁଁ ମାସେ ପୂରିଲା। ପ୍ରଧାନଶିକ୍ଷକଙ୍କଠାରୁ ରେଭିନ୍ୟୁ ଷ୍ଟାମ୍ପ ଉପରେ ଦସ୍ତଖତ କରି ଦରମା ଗ୍ରହଣ କଲି ୫୨୭୦ ଟଙ୍କା। ହାତକୁ ଟଙ୍କା ବଢାଉ ବଢାଉ ସେ କହିଲେ : 'ସାହୁବାବୁ ! ଏମିତି ରଙ୍ଗ ଷ୍ଟାମ୍ପରେ ଦସ୍ତଖତ କରି ସରକାରୀ ପଇସା ନେବା ସମସ୍ତଙ୍କ ଭାଗ୍ୟରେ ଜୁଟେନି।' ହାତକୁ ଦରମା ଗଣ୍ଡାକ ଆସୁ ଆସୁ ପ୍ରଚୁର ଖୁସି ହୋଇଗଲି। ଆଉ ମୋ ଆଖି ଲୁହରେ ଭରିଗଲା। ନାକ ଦେଇ ତତଲା ପବନ ବାହାରିଗଲା। ମୋର ଠିକ୍ ମନେ ଅଛି ବିଦ୍ୟାଳୟରୁ ଫେରିଲା ବେଳେ ମାଆ ବସିଥାନ୍ତି ମୋ ବାଟକୁ ଅନାଇ। ମୁଁ ଗଲି ତାଙ୍କ ପାଖରେ ବସିଲି। ଆଉ ପକେଟରୁ ଖୁସି ଓ ଲୁହରେ ବତୁରା ଦରମା ଗଣ୍ଡାକ ବାହାର କରି ତାଙ୍କ ହାତରେ ଧରେଇଦେଲି। ସେ ଭୋ ଭୋ ହୋଇ କାନ୍ଦି ପକାଇଲେ। ମୁଁ ବି କାନ୍ଦି ପକେଇଲି। ସେ କହିଲେ: 'ବାବୁରେ ! ଏ ଟଙ୍କା ଉପରେ ତୋର ହକ୍। ତୁ ମୋତେ ଆଣି ଧରେଇ ଦେଲୁ ମୁଁ ବହୁତ ଖୁସି। ତୋ ଚାକିରି ହୋଇଗଲା ପରେ ମୁଁ ଜାଣିଛି ଆମ ଘରର ଏଥର ଦୁଃଖ ଦୂର ହେବ।' ମୁଁ ମନା କଲି ଓ କହିଲି : 'ମାଆ ! ତୁମ ପାଇଁ ମୁଁ ଏତେ ଦୂରକୁ ଆସିପାରିଛି। ଏସବୁ ତୁମ ହାତରେ ଦେଲି। ତୁମେ ଯାହା କରୁଛ କର।' ବେଶ୍ କିଛି ସମୟ ଲୁହ ବୋହିଲା। ମାଆ ମୋର ପ୍ରଥମ ଦରମାରେ ଠାକୁରଙ୍କୁ ଭୋଗ ଲଗେଇଲେ। ଆଉ କିଛି ଟଙ୍କାରେ ପରିବାରର ସମସ୍ତଙ୍କ ପାଇଁ ନୂଆ ପୋଷାକ କିଣି ବାଣ୍ଟିଲେ। ଛୋଟ ଭୋଜିଟିଏ କରି ପରିବାରର ସମସ୍ତଙ୍କୁ ଡାକି ଖୁଆଇଲେ। ମୋର ପ୍ରଥମ ଦରମା ଆମ ପରିବାରରେ ପ୍ରଚୁର ଖୁସି ଆଣିଦେଇଥିଲା। ତା'ପରେ ବି ମୋତେ ହାତକୁ ୧୦୦୦ ଟଙ୍କା ଦେଇ କହିଲେ 'ଏଇଟା ତୋର ମାସିକ ଖର୍ଚ୍ଚ ପାଇଁ ରଖିଥାଆ। ଆଉ ହୀନିମାନ ହୋଇ ରହିବୁନିରେ ବାବୁ!' ଇତିମଧ୍ୟରେ ଦୁଇ ଦୁଇଟି ବେତନ କମିଶନ ତଥା ପଦୋନ୍ନତିଜନିତ ଦରମା ବୃଦ୍ଧି ହୋଇଛି। କିନ୍ତୁ ପ୍ରଥମ ଦରମା ପ୍ରାପ୍ତିର ପୁଲକ ଜୀବନବ୍ୟାପୀ ହୃଦୟରେ ସାଇତି ହୋଇ ରହିଛି। ଯେବେ ଭାବେ ମାଆ କଥା ମନେପଡ଼େ ଓ ଆଖି ଜକେଇ ଆସେ। ଆଉ ଏଇ ଭାବପ୍ରବଣତା ହିଁ ଆଜିଯାଏ ମୋତେ ପଥଭ୍ରଷ୍ଟ କରିପାରିନି।

# ବର୍ଥ ମାର୍କ ଦେଲା ପରିଚୟ



କାସାଣ୍ଡ୍ରା ନାଉଡ

**ନାରୀ ସବୁବେଳେ ଚାହେଁ ତା'ର ଚେହେରା ସମସ୍ତଙ୍କଠୁ ସୁନ୍ଦର ଦେଖାଯାଉ। ନ ଥାଉ ସେଥିରେ ଟିକେ ବି ଦାଗ। ତେଣୁ ଛୋଟିଆ ବ୍ରଣ ବି ନାରୀଙ୍କୁ ଚିନ୍ତାରେ ପକାଇଦିଏ। ତାକୁ ସମୂଳେ ନାଶ କରିବା ପାଇଁ କେତେକ'ଣ ଉପାୟ ଆପଣାଏ। ହେଲେ କେତେଜଣ ମହିଳା ଅଛନ୍ତି, ଯାହାଙ୍କ ସୁନ୍ଦର ଚେହେରାରେ ଅଛି ଜନ୍ମଗତ କିଛି ଚିହ୍ନ ବା ବର୍ଥ ମାର୍କ। ସେପୁଣି ଛୋଟିଆ ନୁହେଁ, ବରଂ ଖୁବ୍ ବଡ଼। ଚେହେରାର ଏକ ବଡ଼ ଭାଗକୁ ଅକ୍ତିଆର କରି ରଖିଥିବା ଏହି ଚିହ୍ନ ପାଇଁ ଦିନେ ସେମାନେ ଉପହସିତ ହେଉଥିଲେ। ହେଲେ ପରେ ସେମାନେ ଏହି ଚିହ୍ନକୁ ନିଜର ଦୁର୍ବଳତା ନ ମଣି ତାକୁ ନିଜର ଶକ୍ତିରେ ରୂପାନ୍ତରିତ କରିଛନ୍ତି। ଏହି ଚିହ୍ନ ତାଙ୍କୁ ସ୍ୱତନ୍ତ୍ର ଓ ଖାସ୍ କରାଏ ବୋଲି ଦୁନିଆକୁ ଜଣାଛନ୍ତି। ଯେଉଁ ଗ୍ଲାମର୍ ଦୁନିଆରେ ଦାଗବିହୀନ ସୁନ୍ଦର ଆକର୍ଷକ ଚେହେରାକୁ ପ୍ରାଧାନ୍ୟ ଦିଆଯାଏ, ସେହି ଗ୍ଲାମର୍ ଦୁନିଆରେ ହିଁ ସେମାନେ ତାରକା ପାଲଟିଛନ୍ତି...**


ମାରିଆନା ମେଣ୍ଡିସ୍

**ମାରିଆନା ମେଣ୍ଡିସ୍:** ମଡେଲିଂ ଦୁନିଆରେ ବେଶ୍ ପ୍ରସିଦ୍ଧି ପାଇଛନ୍ତି ବ୍ରାଜିଲର ୨୬ ବର୍ଷୀୟା ମାରିଆନା। ତେବେ ତାଙ୍କର ଏହି ଯାତ୍ରା ଏତେ ସହଜ ନ ଥିଲା। କାରଣ ତାଙ୍କ ସୁନ୍ଦର ଚାନ୍ଦ ଭଳି ଚେହେରାରେ ଅଛି ଜନ୍ମରୁ ଏକ ବଡ଼ କଳା ଚିହ୍ନ। ଏହି ଚିହ୍ନ ଭ୍ରୂଲତାର ମଝିଭାଗରୁ ଆରମ୍ଭ କରି ନାକ ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହି କଳା ଚିହ୍ନରେ ପୁଣି ଛୋଟ ଛୋଟ ଲୋମ ବି ରହିଛି। ଯେଉଁଠି ଝିଅମାନଙ୍କ ଚେହେରାରେ ସାଧାରଣ ବ୍ରଣ ବାହାରିଲେ ମୁହଁ ଲୁଚାନ୍ତି। ସେ କିନ୍ତୁ କେବେ ନିଜର ଏହି କଳା ଦାଗକୁ ଲୁଚାଇବାକୁ ଚେଷ୍ଟା କରିନାହାନ୍ତି କି ଏହାଲାଗି ତାଙ୍କର ଆତ୍ମବିଶ୍ୱାସ କେବେ କମିନି। ଖୋଲାଖୋଲି ନିଜ ବର୍ଥ ମାର୍କକୁ ଦୁନିଆକୁ ଦେଖାଇଛନ୍ତି। ନିଜକୁ କେବେ ବି କାହାଠୁ କମ୍ ବୋଲି ମଣି ନାହାନ୍ତି। ତା'ସହ ଅନ୍ୟ ମହିଳା, ଯାହାଙ୍କ ଚେହେରାରେ ଏଭଳି ଜନ୍ମଗତ ଚିହ୍ନ ରହିଛି, ସେମାନଙ୍କ ମନୋବଳ ବଢ଼ାଇବା ପାଇଁ ସେ ମଡ଼େଲିଂ କରିବା ଆରମ୍ଭ କରିଥିଲେ। ଆଉ ଏବେ ସେ ଜଣେ ପ୍ରସିଦ୍ଧ ମଡେଲ ହୋଇପାରିଛନ୍ତି।

**କାସାଣ୍ଡ୍ରା ନାଉଡ:** ଡାହାଣ ଆଖି ତଳେ ଏକ ବଡ଼ ଚିହ୍ନ ସହିତ ଜନ୍ମ ହୋଇଥିଲେ କାନାଡାର କାସାଣ୍ଡ୍ରା ନାଉଡ। ହେଲେ ସେ ଏହାକୁ ହଟାଇବା ପାଇଁ କେବେ ଚେଷ୍ଟା କରିନାହାନ୍ତି। ସେ କୁହନ୍ତି, ''ମୁଁ ଅନୁଭବ କରିଛି ଯେ, ମୋ ବର୍ଥମାର୍କ ମୋ ଜୀବନରେ ସକାରାତ୍ମକତା ଭରିଥିଲା। ଏହାକୁ ନେଇ ମୁଁ ଜିଇବା ଶିଖିଥିଲି।'' ଏବେ ୨୨ ବର୍ଷୀୟା କାସାଣ୍ଡ୍ରା ଜଣେ ପେସାଦାର ନୃତ୍ୟଶିଳ୍ପୀଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ତେବେ କାସାଣ୍ଡ୍ରା ଯେତେବେଳେ ଶିଶୁ ଥିଲେ, ତାଙ୍କ ପିତାମାତା ଏହି ବର୍ଥ ମାର୍କକୁ ହଟାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଡାକ୍ତରମାନେ କିନ୍ତୁ କହିଥିଲେ, ଏହି ପ୍ରକ୍ରିୟା ଅତ୍ୟଧିକ ବିପଦପୂର୍ଣ୍ଣ। ତେଣୁ ତାକୁ ହଟାଇବାର ଚିନ୍ତା ମନରୁ ବାହାର କରିଦେଇଥିଲେ। ହେଲେ ସ୍କୁଲରେ ପଢ଼ିବାବେଳେ ସେ ଅନେକ ପରିହାସ ସହିଥିଲେ। ତାଙ୍କୁ ତାଙ୍କର ଜନ୍ମଚିହ୍ନ ପାଇଁ ବହୁତ ଥଟ୍ଟା କରାଯାଉଥିଲା। ବର୍ତ୍ତମାନ ସେ ଲସ୍ ଆଞ୍ଜେଲସ୍‌ର ଜଣେ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ ଭାବରେ ପରିଚିତା। ତା'ସହ ସେ ଜଣେ ଅଭିନେତ୍ରୀ। 'ଇନଫ୍ଲୁଏନ୍ସର' ନାମକ ହରର୍ ମୁଭିରୁ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା। ସେ କୁହନ୍ତି, ''ମୁଁ ଆଶା କରୁଛି ଯେ, ମୋ ପରି ବର୍ଥ ମାର୍କ ଥିବା ମହିଳାମାନେ ମତେ ଦେଖି ଜାଣିପାରୁଥିବେ ଯେ ମୁଁ ବହୁତ ସକାରାତ୍ମକ। ଏହି ସକାରାତ୍ମକତା ହିଁ ମତେ ଖୁସିରେ ଜିଇବା ଓ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିବାରେ ସାହାଯ୍ୟ କରିଛି। ତେଣୁ ଅନ୍ୟମାନେ ବି ଏଭଳି ସ୍ଥିତି ଭିତରୁ ସକାରାତ୍ମକ ଖୋଜିବା ଉଚିତ ଏବଂ ଭାବିବା ଉଚିତ ଯେ, ଯାହା ବି ମିଳିଛି ସବୁ ଠିକ୍ ଅଛି।''


କଗୋଥାସୋ ଡିଥେବେ

**କଗୋଥାସୋ ଡିଥେବେ:** ଦକ୍ଷିଣ ଆଫ୍ରିକାର, ମହିକେଙ୍ଗରେ ଜନ୍ମିତ କଗୋଥାସୋ ଡିଥେବେଙ୍କ ଚେହେରାରେ ଅଛି ଏକ ବଡ଼ ଧଳାଦାଗ। କେଶର କିଛି ଅଂଶ ବି ଧଳା। ବାମ ଗାଲରୁ ନାକ ଓ କପାଳ ପର୍ଯ୍ୟନ୍ତ ଥିବା ଏହି ଦାଗ ତାଙ୍କୁ ସମସ୍ତଙ୍କଠୁ ଭିନ୍ନ କରୁଥିଲା ସତ, ହେଲେ ସେ ଅନ୍ୟମାନଙ୍କ ପାଖରେ ଉପହାସର ପାତ୍ର ପାଲଟି ଯାଇଥିଲେ। ବାହାରେ ଲୋକେ ତାଙ୍କୁ ଭିନ୍ନ ନଜରରେ ଦେଖୁଥିଲେ। ନାନା କଥା କହୁଥିଲେ। ହେଲେ ଏବେ ଏହା ତାଙ୍କ ପରିଚୟ ପାଲଟିଛି। ପ୍ରଥମେ ତ ଏହି ଦାଗ ତାଙ୍କୁ ଅଭିଶାପ ଭଳି ଲାଗୁଥିଲା। ତେଣୁ ଟିକେ ବଡ଼ ହେଲାପରେ ସେ ଏହାକୁ ମେକ୍‌ଅପ୍ ଦ୍ୱାରା ଲୁଚାଇବା ଆରମ୍ଭ କରିଥିଲେ। ୨୦୧୦ ମସିହାରେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ଏକ ମଡେଲିଂ ଏଜେନ୍ସି ସହିତ ପରିଚୟ କରାଇଥିଲେ। ସେମାନେ ବି କହିଥିଲେ ଜନ୍ମଚିହ୍ନ ସହିତ ତାଙ୍କୁ ସାଇନ କରିପାରିବେ ନାହିଁ। ତେଣୁ ପ୍ରତ୍ୟେକ ଥର କାଷ୍ଟିଂ ବେଳେ ସେ ମେକଅପ୍ ଦ୍ୱାରା ଜନ୍ମ ଚିହ୍ନଟିକୁ ଲୁଚାଉଥିଲେ। ମଡେଲିଂ ସହ ସେ ଏଲଏଲବି ବି କରୁଥିଲେ। ଏତିକିବେଳେ ସେ ଅନୁଭବ କଲେ ଦୁନିଆଠୁ ନିଜର ବର୍ଥ ମାର୍କକୁ ମେକ୍‌ଅପ୍ ଦ୍ୱାରା ଲୁଚାଇ ଲୁଚାଇ ସେ ଥକିଗଲେଣି। ତେଣୁ ସେ ନିଜର ପ୍ରକୃତ ଚେହେରାରେ ଦୁନିଆକୁ ସାମ୍ନା କରିବେ। ଆଉ ସୋସିଆଲ ମିଡିଆରେ ନିଜର ବିନା ମେକ୍‌ଅପ୍‌ର ଗ୍ଲାମର୍ସ ଫଟୋ ଅପଲୋଡ୍ କଲେ। କିଏ ପ୍ରଶଂସା କଲେ ତ କିଏ ଉପହାସ କଲେ। କିନ୍ତୁ ପରେ ଧୀରେ ଧୀରେ ତାଙ୍କ ଫଟୋକୁ ସମସ୍ତେ ପସନ୍ଦ କଲେ ଓ ତାଙ୍କ ସାହସକୁ ବି ପ୍ରଶଂସା କଲେ। ଏବେ ସେ ନିଜର ଅସଲ ଚେହେରାକୁ ନେଇ ଜଣେ ସଫଳ ମଡେଲ ହୋଇପାରିଛନ୍ତି। ତା'ସହିତ ତାଙ୍କର ଅଛି ଆଇନରେ ଡିଗ୍ରୀ। ସେ ବିବାହିତା ଓ ଦୁଇଟି ସନ୍ତାନର ମାଆ ବି।



## ହାଃ ହାଃ

### ଲିପଷ୍ଟିକ

ପପୁକୁ ବାପା: ଆଜି ତୋ’ ମା’ କ’ଣ ଚୁପ୍‌ଚାପ ବସିଛି ?
ପପୁ କାନ୍ଦି କାନ୍ଦି: ମାମା ମତେ ଲିପଷ୍ଟିକ୍ ମାଗିଥିଲା, ହେଲେ ମୁଁ ଭୁଲରେ ଫେଭିଷ୍ଟିକ୍ ଦେଇଦେଲି ।
ବାପା: କାନ୍ଦୁଛୁ କାହିଁକି ? ଏତେ ଦିନ ପରେ ଗୋଟେ ଭଲ କାମ କରିଛୁ । ମୋ ସୁନାପୁଅ ।

### ବାଣ୍ଟିବା

ମଣ୍ଟୁ ରାଜୁକୁ: କ’ଣ କରୁଛୁ ?
ରାଜୁ: ବାଦାମ ଖାଉଛି ।
ମଣ୍ଟୁ: ଏକୁଟିଆ ଏକୁଟିଆ ?
ରାଜୁ: ପାଞ୍ଚ ଟଙ୍କାର ବାଦାମ ଏକୁଟିଆ ଖାଇବିନି ତ କ’ଣ ସାଇ ପଡ଼ିଶାରେ ବାଣ୍ଟିବି ।

### ବ୍ଲାଙ୍କ ଚେକ୍

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ତୁମ ବାପା ଫିଲ୍ମି ହୋଇଥାନ୍ତେ କି କେତେ ଭଲ ହୋଇଥାଆନ୍ତା ।
ଗର୍ଲଫ୍ରେଣ୍ଡ: ମାନେ ?
ବୟଫ୍ରେଣ୍ଡ: ମୋ କହିବା କଥା କି ତୁମ ବାପା ଫିଲ୍ମର ବାପାଙ୍କ ପରି ମତେ ବ୍ଲାଙ୍କ ଚେକ୍ ଦେଇ କୁହନ୍ତେ କି–ଏ ନିଅ ବ୍ଲାଙ୍କ ଚେକ୍ । ଆଉ ଚାଲିଯାଅ ମୋ ଝିଅ ଜୀବନରୁ ।

### ରୋଗ

ମୋହନ ଡାକ୍ତରଙ୍କୁ: ଆଜ୍ଞା ମୋର ଗୋଟେ ଅଜବ ରୋଗ ହେଉଛି ।
ଡାକ୍ତର: କି ରୋଗ ?
ମୋହନ: ମତେ ସମସ୍ତଙ୍କ କଥା ଶୁଭୁଛି । ହେଲେ ସ୍ତ୍ରୀ କ’ଣ କହିଲା ବେଳକୁ ଶୁଭୁନି ।
ଡାକ୍ତର: ଇଏ ରୋଗ ନୁହଁ । ଭଗବାନଙ୍କର ତୁମ ଉପରେ ଆଶୀର୍ବାଦ ।




# ଗଡ଼ ଖୋରଧା

**ଭା**ରତୀୟ ମୁକ୍ତି ସଂଗ୍ରାମରେ ବୀର ଓଡ଼ିଆ ପାଇକମାନଙ୍କ ବଳିଦାନ ଥିଲା ଅବିସ୍ମରଣୀୟ । ବିଶେଷକରି ଖୋରଧା ପାଇକମାନଙ୍କ କଥା ବିଶ୍ୱ ଇତିହାସରେ ବେଶ୍ ଚର୍ଚ୍ଚିତ । ଖୋରଧା ରାଜ୍ୟ ସୃଷ୍ଟି ଓ ଖୋରଧା ଦୁର୍ଗ ପ୍ରତିଷ୍ଠା ବେଳକୁ ବିଶାଳ ଉତ୍କଳ ସାମ୍ରାଜ୍ୟର ପାରମ୍ପରିକ ରାଜଧାନୀ କଟକ ବାରବାଟୀ ଦୁର୍ଗ ବିଦେଶୀମାନଙ୍କ ଅଧିକାରକୁ ଚାଲିଯାଇଥାଏ । ସେ ସମୟରେ ବିଦେଶୀମାନେ ବାରମ୍ବାର ଆକ୍ରମଣକରି ଉତ୍କଳର ଧର୍ମ, ସଂସ୍କୃତି, ଭାଷା, ସାହିତ୍ୟ ଓ ରାଜନୀତି ଉପରେ ବିପଦ ସୃଷ୍ଟି କରିଥିଲେ । ବିଧର୍ମୀମାନଙ୍କ ପ୍ରଭାବରୁ ମାତୃଭୂମିକୁ ରକ୍ଷାକରିବାକୁ ଯାଇ ଖୋରଧା ମାଟିରେ ବାରମ୍ବାର ଶତ୍ରୁମାନଙ୍କ ସହିତ ଯୁଦ୍ଧ ହୋଇଥିଲା । ଅରାଜକତା ଦମନ କରିବା ପାଇଁ ଅସୀମ ଧୈର୍ଯ୍ୟ, ସାହସ ଓ ଉତ୍ସର୍ଗୀକୃତ ମନୋଭାବ ନେଇ ଭୋଇବଂଶର ରାଜା ପ୍ରଥମ ରାମଚନ୍ଦ୍ର ଦେବଙ୍କ ଦ୍ୱାରା ୧୫୭୦ରୁ ୧୫୭୫ରେ ଖୋରଧା ରାଜ୍ୟ ପ୍ରତିଷ୍ଠିତ ହେଲା । ସେ ମା’ ବରୁଣେଇଙ୍କ ମନ୍ଦିର ନିର୍ମାଣ କରିବା ସହ ବରୁଣେଇ ପାହାଡ଼ ପାଦଦେଶରେ ଗଡ଼ ଖୋରଧା ସ୍ଥାପନ କରାଇଥିଲେ । ଏବେ ବରୁଣେଇ ପାହାଡ଼ ତଳେ ରହିଛି ଗଡ଼ଖୋରଧା ଗ୍ରାମ, ରାଜାଙ୍କ ଭଗ୍ନ ନଅରର ଧ୍ୱଂସାବଶେଷ । ଏହି ଗଡ଼ଖୋରଧାରେ ବୃନ୍ଦାବନ ଦେବ ଓଡ଼ିଆମଠ, କୁଞ୍ଜବିହାରୀ ମନ୍ଦିର, କପିଳେଶ୍ୱର ଦେବଙ୍କ ମନ୍ଦିର, ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ରହିଛି । ଏମିତିରେ ସେତେବେଳେ ରାଜାଙ୍କ ଦ୍ୱାରା ବହୁ ଜନହିତକର କାର୍ଯ୍ୟ ଓ ମନ୍ଦିର ନିର୍ମାଣ କରାଯାଇଥିଲା । ଇତିହାସରୁ ଜଣାପଡ଼େ ମୋଗଲ ସମ୍ରାଟ ଆକବରଙ୍କଠାରୁ ଖୋରଧା ରାଜା ୩୫୦୦ସୈନ୍ୟ ରଖିଥିବାର କ୍ଷମତା ମଧ୍ୟ ହାସଲ କରିଥିଲେ । ଆକବରଙ୍କ ସେନାପତି ମାନସିଂହ ଆସି ଖୋରଧା ରାଜା ରାମଚନ୍ଦ୍ର ଦେବଙ୍କୁ ଶିରିପା ପିନ୍ଧାଇ ଓଡ଼ିଶାର ଗଜପତି ବୋଲି ସ୍ୱୀକୃତି ଦେଇଥିଲେ । ଗବେଷକ **ସତ୍ୟବାଦୀ ବଳିୟାରସିଂ** କୁହନ୍ତି, ବ୍ରିଟିଶ ଐତିହାସିକ ଷ୍ଟାରଲିଙ୍ଗଙ୍କ ବିବରଣୀରୁ ସୂଚନା ମିଳେ ଯେ, କାଠଯୋଡ଼ି ନଦୀଠାରୁ ହୁଗୁଳି ପର୍ଯ୍ୟନ୍ତ ଅଞ୍ଚଳ ମୋଗଲ ଶାସନାଧୀନ ହୋଇଥିବାବେଳେ ଅବଶିଷ୍ଟ ଉପକୂଳବର୍ତ୍ତୀ ଅଞ୍ଚଳ ଖୋରଧା ରାଜାଙ୍କ ଶାସନାଧୀନ ଥିଲା । ଉତ୍ତରରେ ମେଦିନାପୁର, ହୁଗୁଳିନଦୀ, ଦକ୍ଷିଣରେ ବଂଶଧାରା, ଶ୍ରୀକାକୁଲମ ପର୍ଯ୍ୟନ୍ତ ଅଞ୍ଚଳରେ ଖୋରଧାର ଠାକୁରରାଜା ନାମରେ ଅଙ୍କ ଗଣନା କରାଯାଉଥିବାର ଇତିହାସରୁ ଜଣାପଡ଼େ । ସେତେବେଳେ ଏହା ଅବିଭକ୍ତ ପୁରୀ ଜିଲାର ପ୍ରାୟ ସମସ୍ତ ଅଞ୍ଚଳ, ଗଞ୍ଜାମର ଅଧିକାଂଶ ଅଞ୍ଚଳ, କଟକ ବାଙ୍କୀ, ଆଠଗଡ଼ ଏବଂ ଢେଙ୍କାନାଳ ଜିଲାର କିଛି ଅଞ୍ଚଳକୁ ନେଇ ଖୋରଧା ରାଜ୍ୟ ଗଠନ ହୋଇଥିଲା । ଖୋରଧା ରାଜ୍ୟ ଅଧୀନରେ ପ୍ରାୟ ୭୧ଟି ଗଡ଼, ୩୧ଟି ଜମିଦାରି ଏବଂ ୧୨୯ଟି କିଲା ରହିଥିବା ଜଣାପଡ଼େ । ଗଜପତି ରାମଚନ୍ଦ୍ର ଦେବଙ୍କ ଦ୍ୱାରା ଅନ୍ୟ ଏକ ପ୍ରଧାନ କାର୍ଯ୍ୟ ହୋଇଥିଲା– ପୂର୍ବରୁ କଳାପାହାଡ଼ ଦ୍ୱାରା ଅପହୃତ ତଥା ଗଙ୍ଗାନଦୀ କୂଳରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ବ୍ରହ୍ମ, ଯାହା ବିଶର ମହାନ୍ତି ଆଣି କୁଜଙ୍ଗ ଗଡ଼ରେ ରଖିଥିଲେ, ତାହା ସେଠାରୁ ଆଣି ବିଗ୍ରହ ନିର୍ମାଣ କରାଇ ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଇଥିଲେ ।

ସମୟକ୍ରମେ ଖୋରଧାର ରାଜା ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ମୃତ୍ୟୁ ହେଲା । ତାଙ୍କ ପୁତ୍ର ଦ୍ୱିତୀୟ ମୁକୁନ୍ଦ ଦେବ ନାବାଳକ ଥିଲେ । ଏହି ସମୟରେ ତାଙ୍କର ଦେୱାନ ଥିଲେ ଜୟକୃଷ୍ଣ ରାଜଗୁରୁ । ସେ ଖୋରଧା ଗଡ଼ରେ ରାଜଗୁରୁ ରୂପେ ଯୋଗଦେବା ପରେ ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା, ପୁରୀରେ ଜାଗାଘର, ଆଖଡ଼ାଘର ଆଦିର ଉନ୍ନତି ନିମନ୍ତେ ଗୁରୁତ୍ୱ ଦେଇଥିଲେ । ଏହି ସମୟରେ ଗୋଟେପଟେ ମରହଟ୍ଟାମାନଙ୍କ ରାଜତ୍ୱ ଓ ଅନ୍ୟପଟେ ଇଂରେଜ ସୈନ୍ୟଙ୍କର ଓଡ଼ିଶା ଅଧିକାର ଫଳରେ ଇଂରେଜମାନେ ଖୋରଧା ରାଜାଙ୍କ ସାର୍ବଭୌମତ୍ୱ ଉପରେ ହସ୍ତକ୍ଷେପ କଲେ । ପାଇକମାନଙ୍କ ନିଷ୍କର ଜମି ଛଡ଼ାଇ କର ଧାର୍ଯ୍ୟକଲେ ଏବଂ ଭୂବନ୍ଦୋବସ୍ତ କରି ଅଧିକରୁ ଅଧିକ ରାଜସ୍ୱ ଆଦାୟ, ରାଜ୍ୟ ରକ୍ଷା, ଧର୍ମରକ୍ଷା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମନ୍ଦିର ସୁରକ୍ଷା ଆଦି ବିଭିନ୍ନ କାରଣରୁ ପାଇକମାନେ ୧୮୦୪ରୁ ୧୮୩୭ ମସିହା ଯାଏ ଇଂରେଜ ବିରୋଧରେ ଯୁଦ୍ଧ କରିଥିଲେ । ପାଇକ ବିଦ୍ରୋହରେ ସମୟକ୍ରମେ ବିଭିନ୍ନ ପର୍ଯ୍ୟାୟରେ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ତାପଙ୍ଗ ଦଳବେହେରା ମାଧବଚନ୍ଦ୍ର ରାଉତରାୟ, ପିଣ୍ଡିକି ବାହୁବଳେନ୍ଦ୍ର, କୃତ୍ତିବାସ ପାଟଶାଣୀଙ୍କ ସମେତ ଅନେକ ପାଇକ ବୀର ସାମିଲ ହୋଇଥିଲେ । ଅତୀତରେ ଖୋରଧାର ରାଜା ବୀରକିଶୋର ଦେବ, ଦିବ୍ୟସିଂହ ଦେବ, ମୁକୁନ୍ଦ ଦେବଙ୍କ ସମେତ ଏକାଧିକ ରାଜା ଶାସନଭାର ସମ୍ଭାଳି ଥିଲେ । କିନ୍ତୁ ଖୋରଧା ରାଜ୍ୟର ପ୍ରତିଷ୍ଠା ଏବଂ ଗଜପତି ପ୍ରଥମ ରାମଚନ୍ଦ୍ର ଦେବଙ୍କଠାରୁ ୧୫୭୨ରୁ ୧୮୧୭ ପାଇକ ବିଦ୍ରୋହ ପର୍ଯ୍ୟନ୍ତ ୧୨ଜଣ ରାଜା ଏବଂ ୧୮୧୭ମସିହା ପରଠାରୁ ଅର୍ଥାତ୍ ଗଜପତି ତୃତୀୟ ରାମଚନ୍ଦ୍ର ଦେବଙ୍କଠାରୁ ଗଜପତି ଚତୁର୍ଥ ଦିବ୍ୟସିଂହ ଦେବଙ୍କ ପର୍ଯ୍ୟନ୍ତ ୭ଜଣ ରାଜା ରାଜୁତି କରିଥିଲେ । ବର୍ତ୍ତମାନର ଠାକୁର ରାଜା ଗଜପତି ଦିବ୍ୟସିଂହ ଦେବଙ୍କ ନାମ ସୁପରିଚିତ । ଗଡ଼ ଖୋରଧା ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

–ବନବିହାରୀ ବେହେରା







# ସ୍ଲିପ୍ ଟୁରିଜମ୍



**ସ୍ଲିପ୍ ଟୁରିଜମ୍ ଏଭଳି ଏକ ଟ୍ରେଣ୍ଡ, ଯେଉଁଥିରେ ଲୋକମାନେ ଏମିତି କୌଣସି ସ୍ଥାନକୁ ବୁଲିଯିବା ପାଇଁ ବାଛିଥାନ୍ତି, ଯେଉଁଠାରେ ସେମାନଙ୍କୁ ଶାରୀରିକ ଓ ମାନସିକ ଶାନ୍ତି ମିଳିବା ସହ ଭଲ ନିଦ ହେବା ପାଇଁ ସମସ୍ତ ସୁବିଧା ଉପଲବ୍ଧ ରହିଥିବ...**



**ମା**ନସିକ ଓ ଶାରୀରିକ ସୁସ୍ଥତା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିତ୍ୟ ଆଠ ଘଣ୍ଟା ଶୋଇବା ନିହାତି ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଥାନ୍ତି । କିନ୍ତୁ ଆଜିକାଲିର ବ୍ୟସ୍ତବହୁଳ ଜୀବନଭିତରେ ଶାନ୍ତିରେ ଆଠ ଘଣ୍ଟା ଶୋଇବା ଏବେ ଯେମିତି ଅନେକଙ୍କ ପାଇଁ ସ୍ୱପ୍ନ ହୋଇଗଲାଣି । ଫଳରେ ସାମାନ୍ୟ କାମରେ ସେମାନେ ଥକ୍କାପଣ ଅନୁଭବ କରିବା ସହ ସେମାନଙ୍କଠାରେ ଚିଡ଼ିଚିଡ଼ାପଣ ଦେଖାଦେଉଛି । ଆଗ୍ରହ ନ ଥାଇ ବି ସେମାନେ ବାଧ୍ୟବାଧକତାରେ କାମ କରୁଛନ୍ତି । ଖାସ୍ ଏହି କଥାକୁ ନଜରରେ ରଖି ସ୍ଲିପ୍ ଟୁରିଜମ୍ ନାମକ ଏକ ଟ୍ରେଣ୍ଡ ଏବେ ଆରମ୍ଭ ହେଲାଣି । ତେବେ କ'ଣ ଏହି ଟ୍ରେଣ୍ଡ ଏବଂ ଏଥିରେ କ'ଣ ସବୁ ସୁବିଧା ଥାଏ ଜାଣନ୍ତୁ ସେ ସମ୍ପର୍କରେ...

**ସ୍ଲିପ୍ ଟୁରିଜମ୍:** କେବଳ କର୍ମବ୍ୟସ୍ତତା ନୁହଁ, ଅଫିସ୍‌ର ଷ୍ଟ୍ରେସ୍, ପାରିବାରିକ ଦାୟିତ୍ୱ ଆଉ ତା' ସାଙ୍ଗକୁ ମୋବାଇଲ୍, ଲାପ୍‌ଟପ୍ ଆଦିର ବହୁଳ ବ୍ୟବହାର ବି ଅନେକ ସମୟରେ ନିଦ ନ ହେବାର କାରଣ ସାଜିଥାଏ । ଆଉ ନିଦ ନ ହେଲେ ଥକ୍କା ଲାଗିବା, ଚିଡିଚିଡ଼ା ହେବା, ମୁଣ୍ଡ ବିନ୍ଧିବା, ଭୋକ ନ ହେବା ଆଦି ସମସ୍ୟା ଦେଖାଦେବା ସ୍ୱାଭାବିକ । ଖାସ୍ ଏହିସବୁ ସମସ୍ୟାରୁ ମୁକ୍ତି ପାଇବା ସହ ମାନସିକ ଶାନ୍ତି ପାଇଁ ଲୋକଙ୍କୁ ମଝିରେ ମଝିରେ ସମୟ ବାହାର କରି କୁଆଡ଼େ ଟିକେ ବୁଲିଯିବା ନିହାତି ଆବଶ୍ୟକ । ହେଲେ ଏବେ ପ୍ରାୟ ଦେଖିବାକୁ ମିଳୁଛି, ଲୋକେ ବୁଲାବୁଲି ଅପେକ୍ଷା ଛୁଟିରେ ଏମିତି କୌଣସି ସ୍ଥାନକୁ ଯିବାକୁ ଚାହୁଁଛନ୍ତି, ଯେଉଁଠାରେ ସେମାନେ ଶାନ୍ତିରେ କିଛି ସମୟ ଶୋଇ ନିଜକୁ ଆରାମ ଦେଇପାରିବେ । ନା ସେଠି ତାଙ୍କୁ କେହି ଡିଷ୍ଟର୍ବ କରିବାକୁ ଥିବେ, ନା ସେଠି ଥିବ କୌଣସି କାମର ପ୍ରେସର୍ । କେବଳ ଆରାମ ହିଁ ଆରାମ କରିବାକୁ ସେଠି ତାଙ୍କୁ ମିଳୁଥିବ । ଆଉ ନିଦ କେମିତି ଭଲ ହେବ ସେଥିପାଇଁ ବି ତାଙ୍କୁ ସେଠାରେ ଯେମିତି ଉପଯୁକ୍ତ ଟ୍ରିଟ୍‌ମେଣ୍ଟ ବି ମିଳୁଥିବ । ଏହି ନୂଆ ଟ୍ରେଣ୍ଡକୁ ହିଁ କୁହାଯାଉଛି ସ୍ଲିପ୍ ଟୁରିଜମ୍ ।

**ସ୍ଲିପ୍ ଟୁରିଜମ୍‌ରେ ସୁବିଧା:** ଯେଉଁଠାରେ ସ୍ଲିପ୍ ଟୁରିଜମ୍‌ର ସୁବିଧା ଥାଏ ସେଠାରେ ପର୍ଯ୍ୟଟକଙ୍କୁ ନାନାଦି ସୁବିଧା ପ୍ରଦାନ କରାଯାଇଥାଏ । ଯେମିତି କି ପର୍ଯ୍ୟଟକ କିପରି ବିନା କୌଣସି ବାଧାବିଘ୍ନରେ ଭରପୂର ନିଦ ପାଇପାରିବେ ସେ ବ୍ୟବସ୍ଥା କରାଇବା, ନିଦ ଭଲ ହେବା ପାଇଁ ପର୍ଯ୍ୟଟକଙ୍କୁ ଯୋଗ, ମେଡିଟେଶନ, ସ୍ପା, ମସାଜ୍, ଆୟୁର୍ବେଦିକ ଥେରାପି ଆଦି ପ୍ରଦାନ କରିବା । ତା'ସହିତ ସେମାନଙ୍କୁ ହେଲ୍‌ଦି ଓ ଲାଇଟ୍ ଖାଦ୍ୟ ଯୋଗାଇଦେବା । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପର୍ଯ୍ୟଟକ କିପରି ଡିଜିଟାଲ୍ ଡିଟକ୍ସ ବା ଅତ୍ୟଧିକ ମୋବାଇଲ୍ ବ୍ୟବହାରଠୁ ଦୂରରେ ରହିବେ ସେଥିପ୍ରତି ଧ୍ୟାନ ଦେବା ।

**ୱାର୍କିଂ ପ୍ରଫେସନ ପାଇଁ ଜରୁରୀ:** ⁕ ଯେଉଁ ଲୋକମାନଙ୍କୁ ବିଶେଷକରି କର୍ମଜୀବୀ ନାରୀ, ପୁରୁଷଙ୍କୁ ନିଦ ଠିକ୍‌ରେ ନ ହୁଏ, ସେମାନଙ୍କର ଷ୍ଟ୍ରେସ୍ ଲେଭଲ୍ ବହୁତ ବଢିଯାଏ । ତେଣୁ ସେମାନଙ୍କ ପାଇଁ ସ୍ଲିପ୍ ଟୁରିଜମ୍‌ରେ ଯିବା ନିହାତି ଜରୁରୀ । ଏହି ଟୁରିଜମ୍‌ରେ ଯିବା ଦ୍ୱାରା ସେମାନଙ୍କୁ ଖୁବ୍ ରିଲାକ୍ସ ଲାଗିଥାଏ । ପର୍ଯ୍ୟାପ୍ତ ପରିମାଣରେ ନିଦ ହେବା ଯୋଗୁ ସେମାନଙ୍କ ଶରୀର ଓ ମନ ବେଶ୍ ଫୂର୍ତ୍ତି ବି ରହିଥାଏ ।

⁕ ଆରାମଦାୟକ ଏହି ଛୁଟି ପରେ ଲୋକେ ନିଜକୁ ପୂର୍ବାପେକ୍ଷା ଅଧିକ ସକ୍ରିୟ ତଥା ସୃଜନାତ୍ମକ ମନେ କରିଥାନ୍ତି । କାରଣ ଏଥିରେ ଲୋକଙ୍କୁ ଯେଉଁ ଯୋଗ, ପ୍ରାଣାୟମ, ସ୍ପା, ଥେରାପି ଆଦି ଦିଆଯାଇଥାଏ, ତାହା ସେମାନଙ୍କ ମନ, ମସ୍ତିଷ୍କକୁ ପୂରା ରିଲାକ୍ସ କରିଦେଇଥାଏ ।

**ସ୍ଲିପ୍ ଟୁରିଜମ୍‌ର ସୁବିଧା କେଉଁଠାରେ ରହିଛି:**

⁕ **କୁର୍ଗ:** କଫି ବଗିଚା ତଥା ଶାନ୍ତ ମନୋରମ ପାହାଡ଼ମାନଙ୍କ ଦ୍ୱାରା ଘେରି ହୋଇ ରହିଥିବା କର୍ନାଟକର କୁର୍ଗଠାରେ ଏମିତି କେତେକ ରିସର୍ଟ ରହିଛି, ଯେଉଁଠାରେ ପର୍ଯ୍ୟଟକଙ୍କୁ ସ୍ଲିପ୍ ଟୁରିଜମ୍‌ର ସମସ୍ତ ସୁବିଧା ବେଶ୍ ସୁଲଭ ଦରରେ ପ୍ରଦାନ କରାଯାଇଥାଏ ।

⁕ **ରିଷିକେଶ:** ଗଙ୍ଗାକୂଳରେ ଗଢ଼ି ଉଠିଥିବା ଏହି ଆଧ୍ୟାତ୍ମିକ କ୍ଷେତ୍ରଟି ଯୋଗ, ମେଡିଟେଶନ ପାଇଁ ବେଶ୍ ଲୋକପ୍ରିୟ । ଏଠାକାର ସତେଜ ପବନ, ଶାନ୍ତ ବାତାବରଣ ତଥା ଆଧ୍ୟାତ୍ମିକ ପରିବେଶ ପର୍ଯ୍ୟଟକଙ୍କ ଶୋଇବାର ଅନୁଭବକୁ ଆହୁରି ଉତ୍କୃଷ୍ଟ କରିଦିଏ ।


⁕ **ଚେରାପୁଞ୍ଜି:** ବର୍ଷାର ରିମ୍‌ଝିମ୍ ଶବ୍ଦ ସାଙ୍ଗକୁ ଚାରିଆଡ଼େ ଘେରି ରହିଥିବା ସବୁଜ ଗଛଲତାର ଅପୂର୍ବ ଦୃଶ୍ୟ ଚେରାପୁଞ୍ଜିକୁ ଆହୁରି ଆକର୍ଷଣୀୟ କରିଦିଏ । ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ଭିତରେ ସ୍ଲିପ୍ ଟୁରିଜମ୍‌ର ମଜା ନେବା ଏଠାରେ ବେଶ୍ ନିଆରା ଲାଗେ ।

କେବଳ ଏତିକି ସ୍ଥାନ ନୁହେଁ, ଦେଶର ଆଉ କେତେକ ସ୍ଥାନରେ ବି ସ୍ଲିପ୍ ଟୁରିଜମ୍‌ର ସୁବିଧା ଏବେ ପ୍ରଦାନ କରାଯାଉଛି । ପର୍ଯ୍ୟଟକ ଚାହିଁଲେ ସେଠାକୁ ଯାଇ ନିଜକୁ ରିଲାକ୍ସ କରିପାରିବେ ।



# ପେପର ବ୍ୟାଗ୍ କଥା





**ବଡ଼ ବଡ଼ ଶପିଂ ମଲ୍ ହେଉ କି ଛୋଟ ତେଜରାତି ଦୋକାନ, ସବୁଠି ଚାଲେ ପେପର ବ୍ୟାଗ୍ । ତଳଭାଗ ସମତଳ ଥିବା ଏହି ପେପର ବ୍ୟାଗ୍‌ର ଆଦର ବହୁତ । ତେବେ ଜାଣନ୍ତି କି ଏହି ପେପର ବ୍ୟାଗ୍ ପଛର ଇତିହାସ କ'ଣ? ଆଉ ଏହାକୁ ପ୍ରଥମେ କିଏ ତିଆରି କରିଥିଲେ? ଜାଣନ୍ତୁ ସେ ସମ୍ପର୍କରେ..**



୧୮୫୨ ମସିହାରେ ଆମେରିକା, ପେନ୍‌ସିଲଭାନିଆର ସ୍କୁଲ ଶିକ୍ଷକ ଫ୍ରାନ୍ସିସ୍ ୱୋଲେ ପୃଥିବୀର ପ୍ରଥମ ପେପର ବ୍ୟାଗ୍ ତିଆରି ମେଶିନ ଉଦ୍ଭାବନ କରିଥିଲେ । ପରେ ୧୮୭୧ ମସିହାରେ ମାର୍ଗାରେଟ ଇ. ନାଇଟ୍ ନାମ୍ନୀ ମହିଳା ଏମିତି ଏକ ମେଶିନ ତିଆରି କଲେ ଯାହାଦ୍ୱାରା ତଳଭାଗ ସମତଳ ଥିବା ପେପର ବ୍ୟାଗ୍ ତିଆରି ହୋଇପାରିଲା । ଏହି ଉଦ୍ଭାବନ ଦ୍ୱାରା ସେ 'ପେପର ବ୍ୟାଗ୍‌ର ମା' ଭାବେ ପରିଚିତ ହେଲେ । ଖାସ୍‌କରି ତେଜରାତି ଦୋକାନରେ ଏହି ବ୍ୟାଗ୍ ବହୁଳ ବ୍ୟବହାର ହେଲା ।

୧୮୩୮ ମସିହାରେ ଆମେରିକା, ୟର୍କ, ମେନ୍‌ରେ ଜନ୍ମିତ ମାର୍ଗାରେଟ୍ ଛୋଟବେଳୁ ଉଦ୍ଭାବନ କରିବା ଆରମ୍ଭ କରିଥିଲେ । ଛୋଟ ଥିବା ସମୟରୁ ହିଁ ତାଙ୍କ ବାପା ଚାଲି ଯାଇଥିଲେ । ଘରର ଆର୍ଥିକ ସ୍ଥିତି ଭଲ ନ ଥିଲା । ଘରେ ଅଭାବ ଲାଗି ରହିଥିଲା । ଆଉ ମାର୍ଗାରେଟ୍ ଥିଲେ ଖୁବ୍ ସୃଜନଶୀଳା । ଏଇ ଅଭାବ ତାଙ୍କ ସୃଜନଶୀଳତାକୁ ଚପାଇ ପାରି ନ ଥିଲା । ସେ ବିଭିନ୍ନ ଜିନିଷ ତିଆରି କରିବାକୁ ଭଲ ପାଉଥିଲେ । ଭାଇମାନଙ୍କ ପାଇଁ ସେ ସ୍ଲେଜ୍ ଓ ଅନେକ ଜିନିଷ ତିଆରି କରୁଥିଲେ । ସେ ମାତ୍ର ବାର ବର୍ଷ ବୟସ ପର୍ଯ୍ୟନ୍ତ ସ୍କୁଲ ଯାଇଥିଲେ । ପରେ ଘରର ଆର୍ଥିକ ସ୍ଥିତି ଲାଗି ଏକ ସୂତା ମିଲ୍‌ରେ କାମ କରିବା ଆରମ୍ଭ କରିଥିଲେ । ସେଠାରେ କାମ କରିବାବେଳେ ଏକ ଦୁର୍ଘଟଣାକୁ ଦେଖିଥିଲେ । ତେଣୁ ତାଙ୍କ ମନରେ ଷ୍ଟପ ମୋଶନ୍ ଉପକରଣ ତିଆରି କରିବାର ବିଚାର ଆସିଲା । ଯାହାଦ୍ୱାରା ମେଶିନ୍‌ରେ କିଛି ତ୍ରୁଟି ଦେଖାଦେଲେ ମେଶିନ୍ ଆପେ ବନ୍ଦ ହୋଇଯିବ । ଆଉ ଶ୍ରମିକମାନେ ଦୁର୍ଘଟଣାଗ୍ରସ୍ତ ହେବେନି । ସେ ଏହି ମେଶିନ୍ ତିଆରି କଲେ । ଆଉ ସେହି ମେଶିନ୍‌ର ବ୍ୟବହାର ଅନେକ ମିଲ୍‌ରେ ହେବାକୁ ଲାଗିଲା ।

ଗୃହଯୁଦ୍ଧ ପରେ ମାର୍ଗାରେଟ୍ ଏକ ପେପର ବ୍ୟାଗ୍ ପ୍ଲାଣ୍ଟରେ କାମ କରିବା ଆରମ୍ଭ କରିଥିଲେ । ଆଗରୁ ପେପର ବ୍ୟାଗର ତଳଭାଗ ଏନ୍‌ଭଲପ୍ ଭଳି ଥିଲା । ପ୍ଲାଣ୍ଟରେ କାମ କରିବା ସମୟରେ ସେ ଭାବିଲେ ପେପର ବ୍ୟାଗ୍‌ର ତଳଭାଗ ସମତଳ ହେଲେ ଅଧିକ ଜିନିଷ ସହଜରେ ରହିବ । ତେଣୁ ସେ ଏମିତି ଏକ ମେଶିନର ଡିଜାଇନ୍ କରିବାରେ ଲାଗିଗଲେ ଯାହାକି ପେପର୍‌କୁ ଫୋଲ୍ଡ କରି ଅଠା ଲଗାଇ ତଳଭାଗ ସମତଳ ଥିବା ପେପର ବ୍ୟାଗ ପ୍ରସ୍ତୁତ କରିପାରିବ । ଶେଷରେ ସେ ଏଥିରେ ସଫଳ ହେଲେ । ହେଲେ ତାଙ୍କର ଏହି ଉଦ୍ଭାବନକୁ ଚାର୍ଲସ୍ ଅନ୍ନାନ ନାମକ ବ୍ୟକ୍ତି ଚୋରାଇ ନିଜ ନାଁରେ ପେଟେଣ୍ଟ କରିବାକୁ ଯାଉଥିଲେ । ମାର୍ଗାରେଟ୍ ତାଙ୍କୁ କୋର୍ଟକୁ ଟାଣିଥିଲେ । ଅନ୍ନାନ କିନ୍ତୁ ଯୁକ୍ତି ବାଢିଲେ କୌଣସି ମହିଳା ଏଭଳି ମେଶିନ ଆଦୌ ତିଆରି କରିପାରିବେନି । ସୁତରାଂ ସେ ହିଁ ଏହାକୁ ତିଆରି କରିଛନ୍ତି । ହେଲେ ନାଇଟ୍ ନିଜ ଡିଜାଇନ୍‌ର କପି ଓ ଅନେକ ପ୍ରମାଣ ଦେଖାଇଲେ । ଫଳରେ କେସ୍ ମାର୍ଗାରେଟ ଜିତିଲେ । ଆଉ ୧୮୭୧ ମସିହାରେ ପେଟେଣ୍ଟ ତାଙ୍କ ନାଁରେ ହୋଇଗଲା । ମାର୍ଗାରେଟ୍ ଏହି ଉଦ୍ଭାବନ ବାଦ୍ ଆହୁରି ବି ଅନେକ ଉଦ୍ଭାବନ କରିଥିଲେ । ତାଙ୍କ ନାଁରେ ୨୭ଟି ପେଟେଣ୍ଟ ଅଛି । ତେଣୁ ତାଙ୍କୁ 'ମହିଳା ଏଡିସନ୍' ବୋଲି ବି କୁହାଯାଏ । ମାର୍ଗାରେଟ୍ ତିଆରି କରିଥିବା ଏହି ପେପର୍ ବ୍ୟାଗର ଚାହିଦା ସେତେବେଳେ ଥିଲା । ଆଉ ଏବେ ବି ଅଛି । ତଳଭାଗ ସମତଳ ଥିବା ଏହି ପେପର୍ ବ୍ୟାଗ୍‌ର ମୂଳ ମେଶିନ ଏବେ ୱାଶିଂଟନ ଡିସିର ସ୍ମିଥସୋନିୟନ୍ ସଂଗ୍ରହାଳୟରେ ଅଛି ।

# ଜ୍ୱାଳାମୁଖୀ ସର୍ଫିଂ



ସମୁଦ୍ରର ଉତ୍ତାଳ ତରଙ୍ଗରେ କିଛି ଦୁଃସାହସୀ ମଣିଷ ସର୍ଫିଂ କରୁଥିବା ଦେଖିଥିବେ । ହେଲେ କେବେ କୌଣସି ଜ୍ୱାଳାମୁଖୀରେ କାହାକୁ ସର୍ଫିଂ କରୁଥିବା ଦେଖିଛନ୍ତି ? ଭାବୁଥିବେ ଏ ତ ଅସମ୍ଭବ । କିନ୍ତୁ କିଛି ଦୁଃସାହସୀ ମଣିଷ ଜ୍ୱାଳାମୁଖୀର ଗଡାଣିଆ ଭାଗରେ ସର୍ଫିଂ କରନ୍ତି ।  ଆଉ ଏହି ଖେଳ ଜ୍ୱାଳାମୁଖୀ ବୋର୍ଡିଂ ବା ଜ୍ୱାଳାମୁଖୀ ସର୍ଫିଂ ଭାବେ ପରିଚିତ । ଏହି ଖେଳ ପାଇଁ ଲୋକପ୍ରିୟ ସ୍ଥାନଟି ହେଉଛି ମଧ୍ୟ ଆମେରିକାସ୍ଥ ସେରେ ନେଗ୍ରୋ ଜ୍ୱାଳାମୁଖୀ । ଏହା ଏକ ସକ୍ରିୟ ଜ୍ୱାଳାମୁଖୀ । ଏହି ଜ୍ୱାଳାମୁଖୀର ଉପରଭାଗକୁ ଚଢି ଏକ ପତଳା ପ୍ଲାଏଉଡ୍ କିମ୍ବା ଧାତୁର ବୋର୍ଡ ଉପରେ ବସି ଅବା ଠିଆ ହୋଇ ବ୍ୟକ୍ତି ଜ୍ୱାଳାମୁଖୀର ତଳଭାଗକୁ ଖସନ୍ତି । ଏହି ଖେଳ ଦକ୍ଷିଣ ପ୍ୟାସିଫିକ୍, ତନ୍ନା ଆଇଲାଣ୍ଡର ଭାନୁଆତୁସ୍ଥିତ ମାଉଣ୍ଟ ୟାସୁର ଏବଂ ଇଣ୍ଡୋନେସିଆର ମାଉଣ୍ଟ ବ୍ରୋମୋରେ ବି ଖେଳାଯାଏ । ଏହି ଖେଳ ଖୁବ୍ ବିପଜ୍ଜନକ । ସର୍ଫିଂ କଲାବେଳେ ପଡିଗଲେ ଆଗ୍ନେୟଗିରିର ଶକ୍ତ ପାଉଁଶରେ କ୍ଷତାକ୍ତ ହେବାର ଆଶଙ୍କା ଥାଏ । ବିଷାକ୍ତ ଗ୍ୟାସରେ ଶ୍ୱାସ ନେବା ଦ୍ୱାରା ହିଷ୍ଟୋପ୍ଲାଜ୍‌ମୋସିସ୍ ନାମକ ରୋଗ ହୋଇପାରେ । ଏହାବାଦ୍ ଲାଭା ଛିଟ୍‌କି ଯାଇ ଉପରେ ପଡ଼ିବାର ଆଶଙ୍କା ବି ଥାଏ । ସେଥିପାଇଁ ଜମ୍ପସୁଟ୍ ସହ ଚଷମା ଓ ସୁରକ୍ଷାତ୍ମକ ଗିୟରର ବ୍ୟବହାର କରାଯାଏ । ସର୍ଫିଂ କରି ଖସିବାବେଳେ ଗତି ଘଣ୍ଟା ପ୍ରତି ୬୯ କି.ମି. ହୋଇପାରେ । ଏତେ ବିପଦସତ୍ତ୍ୱେ କିଛି ଆଡ୍‌ଭେଞ୍ଚର ପ୍ରିୟ ମଣିଷଙ୍କୁ ଏହି ଖେଳ ଖୁବ୍ ଭଲ ଲାଗେ ।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଉପବାସ ଉପାଖ୍ୟାନ

ଉପବାସର ଇତିହାସ କେବେଠୁ ଓ ପ୍ରଥମେ କିଏ ଆରମ୍ଭ କରିଥିଲେ ଯଦିଓ ଜଣାନାହିଁ କିନ୍ତୁ ଏହା ଆମ ସଂସ୍କୃତିର ଏକ ବହୁ ପୁରାତନ ପ୍ରଥା ଏଥିରେ ଦ୍ୱିମତ ନାହିଁ । ଗୌତମ ବୁଦ୍ଧ ନିର୍ବାଣ ପ୍ରାପ୍ତି ପାଇଁ ଅନ୍ନତ୍ୟାଗ କରି ତପସ୍ୟା କରିଥିଲେ । ଜୈନମାନେ ଆତ୍ମାର ଶୁଦ୍ଧି ପାଇଁ ଦିନ ଦିନ ଧରି ଉପବାସ କରନ୍ତି । ପର ଜନ୍ମରେ ବିଶ୍ୱାସ କରୁଥିବା ଲୋକ ଅନ୍ତିମ ସମୟରେ ମୋକ୍ଷ ପ୍ରାପ୍ତି ପାଇଁ ଉପବାସରେ ରୁହନ୍ତି । ଇସଲାମ ଧର୍ମର ଲୋକ ରୋଜା ସମୟରେ ଦିନରେ ଉପାସ ରୁହନ୍ତି । ଖ୍ରୀଷ୍ଟିଆନମାନେ ଗୁଡ୍ ଫ୍ରାଇଡେରେ ଉପବାସ ବ୍ରତ ରଖନ୍ତି । ପ୍ରାକୃତିକ ଚିକିତ୍ସକମାନେ ମଧ୍ୟ ଶରୀରର ଶୁଦ୍ଧି ପାଇଁ ପାଚନ ପ୍ରକ୍ରିୟାରେ ବ୍ୟବହୃତ ଅଙ୍ଗ ପ୍ରତ୍ୟଙ୍ଗମାନଙ୍କ ବିଶ୍ରାମ ପାଇଁ ଉପବାସ କରିବାକୁ କୁହନ୍ତି । ଖାସ ସେଇଥିପାଇଁ ସେବାୟତମାନଙ୍କ ଝଗଡ଼ା ଯୋଗୁ ନୀତିକାନ୍ତି ବନ୍ଦ ହୋଇ ପ୍ରଭୁ ଖାଡ଼ା ଉପାସ ରହିବାଟା କାଳେ ନିତି ଷାଠିଏ ପଉଟି ଭୋଗ ଖାଇ ଅଳସେଇ ଯାଉଥିବା ପ୍ରଭୁଙ୍କ ମାନବୀୟ ଲୀଳାର ଅଂଶ ବୋଲି ପଣ୍ଡିତମାନେ କୁହନ୍ତି । ମୁନୀ ଋଷିମାନେ ଖାଦ୍ୟଲୋଭ ପରିତ୍ୟାଗ କରି ହିମାଳୟର ଗୁମ୍ଫାରେ ତପସ୍ୟା କରୁଥିବା କଥା ପୁରାଣମାନଙ୍କରେ ଉଲ୍ଲେଖ ଅଛି । ଏମିତି ଖୋଜିଲେ ପୃଥିବୀର ଅନେକ ଧର୍ମ ତଥା ସଂସ୍କୃତିରେ ଉପବାସ ବିଷୟରେ ନିଶ୍ଚେ କିଛି ଉଲ୍ଲେଖ ଥିବ । କିନ୍ତୁ ଗାନ୍ଧିଜୀ ଉପବାସକୁ ଏକ ଆନ୍ତର୍ଜାତିକ ପରିଚୟ ଦେଲେ 'ଅନଶନ' ନାଁରେ । ପ୍ରାୟଶ୍ଚିତ୍ତ ପାଇଁ ବୃହତ୍ତର ସ୍ୱାର୍ଥ ସାଧନ ପାଇଁ ସେ ଅନେକ ଥର ଉପବାସ କରିଥିଲେ । ଗାନ୍ଧିଜୀଙ୍କ ମୃତ୍ୟୁର ବହୁବର୍ଷ ପରେ ଆନ୍ନା ହଜାରେ ଉପବାସକୁ ଅଧିକ ଲୋକପ୍ରିୟ କଲେ । କିନ୍ତୁ ବିଡମ୍ବନା ଫସଲ ଚୋରି ରୋକିବାକୁ ଆନ୍ନା ଭୋକ ଉପାସରେ ରାତି ଅନିଦ୍ରା ହୋଇ କ୍ଷେତ ଜଗିଥିଲା ବେଳେ ପଛ ପଟୁ ଆଉ ଜଣେ ଫସଲ କାଟିନେଇଗଲା ।

ଏବେ ଉପବାସର ଆଧୁନିକ ରୂପକୁ ଡାଏଟିଂ କହୁଛନ୍ତି । ଏ ପ୍ରକାର ଉପବାସରେ ଆଧ୍ୟାତ୍ମିକ ଭାବନା ନ ଥାଏ । ନିଜ ଶରୀରର ମେଦକୁ କମେଇବାକୁ ଓ ଶରୀର ଫୁର୍ତ୍ତି ରହିବାକୁ ଏହି ଉପବାସ କରାଯାଏ । ଅଦ୍ଭୁତ ସମୟରେ ମଣିଷ ଏବେ ଗତି କରୁଛି । ଧନୀ ଶରୀରରେ ମେଦ ନ ହେବାକୁ ଉପବାସ କରୁଛନ୍ତି, ଗରିବ ଉପବାସରେ ନ ରହିବାକୁ ଦିନରାତି ଖଟୁଛନ୍ତି । ଥରେ ଜଣେ ମେଦବତୀ ମହିଳା ତାଙ୍କ ଆଣ୍ଠୁଜନିତ ଯନ୍ତ୍ରଣା ପାଇଁ ଡାକ୍ତରଙ୍କ ପାଖକୁ ଗଲେ । ଡାକ୍ତର କହିଲେ, ଶରୀରର ଓଜନ କମେଇବାକୁ ଖାଇବା କମାନ୍ତୁ । ଦିନକୁ ଥରେ ପେଟପୂରା ଖାଆନ୍ତୁ ଓ ସପ୍ତାହରେ ଗୋଟିଏ ଦିନ କେବଳ ପାନୀୟ ( ଲିକ୍ୱିଡ ଖାଦ୍ୟ) ନେଇ ରୁହନ୍ତୁ । ତିନିମାସ ପରେ ମହିଳା ପୁଣି ଡାକ୍ତରଙ୍କ ପାଖକୁ ଗଲେ । ଡାକ୍ତର ଦେଖିଲେ ଓଜନ କମିନି ବରଂ କିଛି ବଢ଼ିଛି । ଡାକ୍ତର ପଚାରିଲେ, ଆପଣ ଏମିତି କ'ଣ ସବୁ ଖାଇଲେ ଉପାସରେ ଯେ ଓଜନ କମୁନି ? ମହିଳା ଜଣକ ନିରୀହ ସ୍ୱରରେ କହିଲେ ଆପଣ କହିଥିଲେ ଥରୁଟିଏ ପେଟ ଭର୍ତ୍ତି ଖାଇବାକୁ, ସେଥିପାଇଁ ତିନିଟା ରୁଟି ବଦଳରେ ପାଞ୍ଚୋଟି ରୁଟି, ତାକୁ ଚାହିଁ ତରକାରୀ, ଭଜା, ସାଲାଡ ଖାଉଛି । ଦିନଟା ସାରା ରୁଟି, ଭାତ ଖାଇବିନି ବୋଲି ଦହିବରା, କଚୁଡ଼ି, ବରା, ସିଙ୍ଗଡ଼ା ନାଟି ଦୋକାନରୁ ଆଣିଦେଉଛି । ତା'ଛଡା ପିଲାମାନେ ଖାଇସାରିଲା ପରେ ଛାଡ଼ିଦେଉଥିବା ଖାଦ୍ୟକୁ କ'ଣ ଫୋପାଡି ଦିଅନ୍ତି ! ଇଚ୍ଛା ନ ଥିଲେ ବି ଅନ୍ନ ନଷ୍ଟ ହେଲେ ଲକ୍ଷ୍ମୀ ଛାଡିଯିବେ ବୋଲି ତାକୁ ବି ଖାଇଦେଉଛି । ହସକୁ କୌଣସିମତେ ଚାପି ରଖି ଡାକ୍ତରବାବୁ କହିଲେ, କେବଳ ଲିକ୍ୱିଡ ଖାଇ ଯେଉଁ ଉପାସ କରୁଛନ୍ତି ସେଦିନ ତ ବଡ଼ କଷ୍ଟ ହେଉଥିବ ଆପଣଙ୍କୁ ! ''କୁହନି ବାବୁ ସେ କଥା । ଭାରି ବାଧା ଲାଗେ । ବୋହୂ ଓମ୍‌ଫେଡରୁ କ୍ଷୀର ଓ ଦହି ଦୁଇ ପ୍ୟାକେଟ ଆଣି ସେଥିରେ କାଜୁ କିସ୍‌ମିସ ପେସ୍ତା ବାଦାମ ନଡ଼ିଆ କଦଳୀ ସହ ବରଫ ଦେଇ ବଢ଼ିଆ ଲସି ବନେଇ ଦିଏ ଗ୍ରାଇଣ୍ଡରରେ । ସେଥିରୁ ଦେଢ଼ ଗ୍ଲାସ ଖଣ୍ଡେ ପିଇଦିଏ ।'' କେତେ ଥର ପିଅନ୍ତି ? ଡାକ୍ତରବାବୁ ପଚାରନ୍ତେ ତ ମହିଳା ଜଣକ ଉତ୍ତର ଦେଲେ, ନିହାତି ଭାବରେ ଚାରି ବେଳାକୁ ଚାରି ଥର । ଡାକ୍ତରବାବୁ ମୁଣ୍ଡରେ ହାତ ଦେଲେ । କହିଲେ, ଆଗରୁ ଯାହା ଯେମିତି ଖାଉଥିଲେ ସେମିତି ଖାଆନ୍ତୁ । ଚଲାଚଲି କରନ୍ତୁ । ଉଷୁମ ପାଣି ପିଅନ୍ତୁ । ଏମିତି କେତେ ନମୁନା ବାହାରିବେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ଯାଏ ଯେଉଁଠି ଏକାଦଶୀରେ ଏଗାର ବକତ ଖାଇ ଓଷା ଉପବାସ କରାଯାଏ ।



ଓଷା ସମସ୍ତଙ୍କ ଘରେ ପ୍ରାୟ ପୂଜା ପର୍ବରେ ପାଳିତ ହେବାର ଦେଖିବାକୁ ମିଳେ । ଏ ପ୍ରକାର ଓଷାରେ ରିଫାଇନ ତେଲ ନତୁବା ଗୁଆ ଘିଅ ତିଆରି ଚିଅଣ ସହ ଫଳ ଆହାର କରି ପାଳନ କରିବାକୁ ହୁଏ । ଏ ପ୍ରକାରର ଓଷା ଉପବାସ ସବୁ ସମୟ ଓ ଦେବଦେବୀଙ୍କୁ ନେଇ ଭିନ୍ନ ଭିନ୍ନ ହୋଇଥାଏ । ଏଇ ଯେମିତି ସାବିତ୍ରୀ ବ୍ରତଠାରୁ ଜନ୍ମାଷ୍ଟମୀ, ମହା ଶିବରାତ୍ରି ଉପବାସର ନୀତି ନିୟମ ଭିନ୍ନ । ବୁଧେଇ ଓଷାର ବ୍ରତ ବିଧି ନିଶା ମଙ୍ଗଳବାର, ବାଟଓଷା କି ସୋମନାଥ ବ୍ରତଠାରୁ ଭିନ୍ନ । ନବରାତ୍ରି ପୂଜା ପାଇଁ ହେଉଥିବା ଉପବାସ ଖୁଦୁରୁକୁଣୀ କି ରାମନବମୀର ପୂଜାବ୍ରତଠାରୁ ସମ୍ପୂର୍ଣ୍ଣ ଅଲଗା । ସାବିତ୍ରୀ ବ୍ରତ ଉପବାସରେ ନିର୍ଦ୍ଦିଷ୍ଟ ପ୍ରକାରର ଫଳ, ଶାଗୁ ଓ ମୁଗର ଆହାର ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ପୁଅ ଜୀଉନ୍ତିଆ କି ଭାଇ ଜୀଉନ୍ତିଆର ଉପବାସରେ ଆହାରର ମେନୁ ଅଲଗା ।

ମୋ ଦେଖିବାରେ ଆମ ଦେଶରେ ଏହି ପ୍ରକାରର ଉପବାସ ପ୍ରାୟତଃ ସବୁ ଘରର ମହିଳାମାନଙ୍କ ଏକଚାଟିଆ ଅଧିକାରର ପରିସରଭୁକ୍ତ ଭାବେ ରହିଆସିଛି । ଆମ ଘରେ ଏହି ଉପବାସ ବ୍ୟାପାର ସମ୍ପୂର୍ଣ୍ଣ ଭାବେ ମୋ ପତ୍ନୀଙ୍କ କବ୍ଜାରେ । ନିର୍ଦ୍ଦିଷ୍ଟ ଓଷା ବ୍ରତର ଦିନକ ପୂର୍ବରୁ ପତ୍ନୀ ତାଙ୍କ ଉପବାସ ପାଇଁ ଆବଶ୍ୟକ ଫଳ, ପରିବାର ଲିଷ୍ଟ ଧରେଇ ଦିଅନ୍ତି । ପ୍ରଥମେ ପ୍ରଥମେ ବିରକ୍ତ ହେଉଥିଲି ହେଲେ ଏବେ ଗୃହର ବୃହତ୍ତମ ସ୍ୱାର୍ଥ ପାଇଁ ନୀରବରେ ଆଜ୍ଞାବହ ସ୍ୱାମୀଭାବେ ଏକମାତ୍ର ପତ୍ନୀଙ୍କ ଉପବାସ ବିନୋଦ ପାଇଁ ଆବଶ୍ୟକ ପରିବାପତ୍ର ଓ ଫଳମୂଳ ଆଣି ଦିଏ । ଅନେକ ଥର ପତ୍ନୀ ମୋତେ ବୁଝେଇଦେଇଛନ୍ତି ଯେ, ସେ ନିଜ ଶରୀରକୁ କଷ୍ଟ ଦେଇ ଉପବାସ କରୁଛନ୍ତି କେବଳ ମୋର ଓ ମୋ ପିଲାମାନଙ୍କ ମଙ୍ଗଳ ପାଇଁ ନଚେତ୍ ସେ ନିଜ କଥା ଭାବିବା କଥା କାଳେ କେବେଠୁ ଭୁଲିଗଲେଣି । ମଣିଷ ଯେତେ ଯତ୍ନରେ ଚାଖିକି ଫଳ କିଣିଲେ ବି ଘରେ ପହଞ୍ଚୁ ପହଞ୍ଚୁ ସେ ସବୁ କେମିତି ଖଟା ହେଇଯାଏ ଆଜି ଯାଏ ଜାଣିପାରିଲି ନାହିଁ । ଆଜି ଯାଏ ମୁଁ ପତ୍ନୀଙ୍କ ମନ ମୁତାବକ ଫଳ କିଣିବା ଜାଣିପାରିଲି ନାହିଁ । ପ୍ରତିଥର କେତେବେଳେ ଫଳର ସ୍ୱାଦକୁ ନେଇ ତ କେତେବେଳେ ଫଳର ଗୁଣବତ୍ତାକୁ ନେଇ ବୁଲେଇ ବଙ୍କେଇ ଦୁଇପଦ ମୁଁ ତାଙ୍କଠାରୁ ନିଶ୍ଚୟ ଶୁଣେ । କେମିତିକା ମଣିଷ କେଜାଣି ଏତେ ବଡ଼ ହେଲଣି ଆଜି ଯାଏ ଫଳ ପରଖି କିଣିପାରିଲ ନାହିଁ । ଦୋକାନୀ ପଚାଶଢ଼ା ଯାହାକୁ ଦେଲା ବ୍ୟାଗରେ ତାକୁ ଧରି ଘରକୁ ଆସୁଛ । ହଉଓ ପଇସା ଦେଇ ଆଣୁଛ ନା ଦୋକାନୀ ଷଣ୍ଢ ଖାଇବାକୁ ଅଲଗା ରଖିଥିବା ଫଳରୁ ମାଗି ଆଣୁଛ ? ଘରର ସବୁ କାମଦାମ କରୁଥିବା ସ୍ତ୍ରୀଟା ଉପାସ କରିଛି ମନ ଟିକେ କହିଲାନି ଦୁଇ ତିନି ପ୍ରକାରର ଫଳ ନେଇଯାଏ । ରସବାଲା ଫଳ ନେଲେ ଉପାସିଆ ଦିନରେ ଜୁସ୍ କରି ଟିକେ ପିଅନ୍ତା । ଜାଣିଛି ପରା ତୁମ ମନ କ'ଣ ଆଉ ମୋ'ଠି ଅଛି କି? ସେଇ ଗୋଟାଏ ପ୍ରକାରର ଫଳକୁ ଦିନଯାକ ବସି ଚୋବଉଥାଅ । ତୁମକୁ ଦେଖା ଯାଉନି କ'ଣ ତୁମ ଭାଇମାନଙ୍କ ଘରେ ପରା ଉପାସ ଦିନ ସ୍ତ୍ରୀମାନଙ୍କୁ ଖଟରୁ ଓହ୍ଲେଇ ଦେଉନାହାନ୍ତି ! ଆଉ ତୁମେ ଯେ ହାତକୁ ପାଣି ନ ଦେବା ଯାଏ ନିଜେ ଯାଇ ପାଣି ପିଇ ପାରିବ ନାହିଁ । ଛାଡ଼ ସବୁ ମୋ ଭାଗ୍ୟ । ଖାଲି ପିଲାଙ୍କ ଜଞ୍ଜାଳ ଯୋଗୁ ମରି ପଡି ସବୁ କରୁଛି । ମୁଁ ବି ଅନେକ ସମୟରେ ଭାବେ ଏ ଯେଉଁ ଆତ୍ମା ଶୁଦ୍ଧି, ଭାଗବତ ପ୍ରାପ୍ତି , ସିଦ୍ଧି ପ୍ରାପ୍ତି, ପ୍ରାୟଶ୍ଚିତ୍ତ, ଜଗତ କଲ୍ୟାଣ ପାଇଁ ଯେଉଁ ଉପବାସର କାହାଣୀ ସବୁ ଲେଖା ଯାଇଛି ତାହା କ'ଣ ସତ୍ୟ ? କାହିଁ ସେଥିରୁ କେଉଁ ଗୋଟାଏ ତ ମୁଁ ଦେଖିପାରୁନି । କିଛି ଦିନ ହେଲା ଏହି ଉପବାସ ଉପରେ କିଛି ଲେଖିବା ପାଇଁ ଯେତେସବୁ ପୁରାଣ ବହି ଅଣ୍ଡାଳିଲି ପ୍ରାୟ ସବୁଠି ଏହା ରାଜାମାନଙ୍କ ଘର କଥା ଲେଖା ଯାଇଛି । କେଉଁଠି ରାଣୀଙ୍କ ଉପବାସର କାହାଣୀ ତ କେଉଁଠି ରାଜକନ୍ୟା ଗନ୍ଧର୍ବ ସମ ରାଜକୁମାରଙ୍କୁ ବାହା ହେବାକୁ ଷୋଳ ଉପବାସ କରୁଥିବା କଥା ଉଲ୍ଲେଖ ଅଛି । କେତେ ଘାତ ପ୍ରତିଘାତ ଭିତରେ ଦୀନ ଦରିଦ୍ର ଉପବାସ କରି ସୁଖସମୃଦ୍ଧିରେ ରହିବାର କଥା ଲେଖା ହୋଇଛି । ହାୟ, ମୋ ଭାଗ୍ୟକୁ ଆମ ପତ୍ନୀଙ୍କ ବ୍ରତଉପବାସର ଫରକ ପଡୁନି କେମିତି ! ଦିନେ ପତ୍ନୀଙ୍କୁ ଡାକି କହିଲି ଶାସ୍ତ୍ର ଅନୁଯାୟୀ ଉପବାସ ଆତ୍ମା ଓ ଶରୀର ଶୁଦ୍ଧି ପାଇଁ କରନ୍ତି କିନ୍ତୁ ତୁମେ ଯେଉଁ ଘିଅ ଅନ୍ନ ଫଳ ମୂଳ ଖାଇ ଉପବାସ କରୁଛ ସେଥିରେ କି ଶାନ୍ତି ମିଳୁଛି ? ପତ୍ନୀ କହିଲେ, ତୁମକୁ କିଏ କହିଲା ଉପବାସ କଲେ ଆତ୍ମାକୁ ଶାନ୍ତି ମିଳେ ବୋଲି ତୁମ ସହ ଘଣ୍ଟାଏ ଗେଜେ ଗେଜେ ହେଲେ ମନକୁ ଯେଉଁ ଶାନ୍ତି ମିଳେ ତାହା ଶହେ କାଷ୍ଠା ଉପବାସ ସହ ସମାନ । ତାଙ୍କ କଥା ଶୁଣି ମୋ ପାଟିରୁ ବାହାରି ପଡେ ହେ ପ୍ରଭୁ ! ମୋତେ ମରଣ ହେଉନି ଯାହା ! ଆଉ ସହି ହେଉନି କି ଦେଖି ହେଉନି ପ୍ରଭୁ ଉଠେଇ ନେ ମୋତେ ।


-ବନମାଳୀ ଭବନ, ଖାନ୍ ନଗର, କଟକ
ମୋ:୯୪୩୭୦୧୦୭୫୮

## ସମୀକ୍ଷାୟନ

### ଝରଣା

ସମ୍ପାଦକ- ମନୋଜ କୁମାର ଜେନା , ଗୌରୀ ଗାଡେନ୍, ଗୌରୀନଗର, ଭୁବନେଶ୍ୱର-୨, ମୂଲ୍ୟ- ୮୦ଟଙ୍କା ।

'ଝରଣା'ର ପୂଜା ସଂଖ୍ୟା ମନୋଜ କୁମାର ଜେନାଙ୍କ ସମ୍ପାଦନାରେ ପ୍ରକାଶ ପାଇଛି । ସମ୍ପାଦକୀୟ ମାତୃଭାଷାର ମହକ ସମ୍ପର୍କରେ ଲେଖାଯାଇଛି । ପ୍ରବନ୍ଧରେ ପ୍ରଫେସର ଶରତ ଚନ୍ଦ୍ର ରଥ, ଶ୍ରୁତକୀର୍ତ୍ତି ତ୍ରିପାଠୀ, ଇଂ. ମାୟାଧର ସ୍ୱାଇଁ ଆଦି ପ୍ରତିଷ୍ଠିତ ଲେଖକଙ୍କ ଲେଖା ରହିଛି । ଗଳ୍ପରେ ଡା. ଇନ୍ଦ୍ରମଣି ଜେନା, ଡ. ପ୍ରତିଭା ମହାରଥୀ, ସତ୍ୟ ମିଶ୍ର, ଡକ୍ଟର ଆରତୀ କର, ମଞ୍ଜୁଲା ତ୍ରିପାଠୀ, ଚିନ୍ମୟୀ ମହାନ୍ତି, ଗୋପାଳ ଚନ୍ଦ୍ର ମିଶ୍ର, ଡ. ଜୀବିତେଶ ରଥ ଓ ମନୋଜ କୁମାର ଜେନାଙ୍କ ଲେଖା ରହିଛି । ରମ୍ୟ ରଚନାରେ ରାମ ନାରାୟଣ ମିଶ୍ର, ଅନୁବାଦ ବିନୋଦିନୀ ପାତ୍ର, ଭ୍ରମଣକାହାଣୀ ବିବେକାନନ୍ଦ ପାଣିଗ୍ରାହୀ ରହିଛନ୍ତି । କାଳଜୟୀ କବିତା ରାମକୃଷ୍ଣ ନନ୍ଦଙ୍କର ରହିଛି । କବିତାରେ ଡ. ଶତ୍ରୁଘ୍ନ ପାଣ୍ଡବ, ପ୍ରସନ୍ନ କୁମାର ମହାନ୍ତି ଆଦି ପ୍ରମୁଖ ରହିଛନ୍ତି । ପତ୍ରିକାଟିର ପରିପାଟି ସୁନ୍ଦର ହୋଇଛି ।




### ଦେଖାଯାଉ

ସମ୍ପାଦକ- ପ୍ରବୀର ମହାନ୍ତି, ଏନ୍-୨/୨୨, ଆଇଆରସି ଭିଲେଜ ନୟାପଲ୍ଲୀ, ଭୁବନେଶ୍ୱର-୧୫, ମୂଲ୍ୟ- ୧୦୦ ଟଙ୍କା

'ଦେଖାଯାଉ' ପତ୍ରିକା ପ୍ରବୀର ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି । ଏଥିରେ ଡାକ୍ତର ଇନ୍ଦ୍ରମଣି ଜେନା, ଡ.ବିଶ୍ୱଜିତ ପଟ୍ଟନାୟକ, ଉମାକାନ୍ତ ପଣ୍ଡା, ଡ.ଧନେଶ୍ୱର ସାହୁ, ସରୋଜ ସାହୁ, ଜୟନ୍ତ କୁମାର ବିଶ୍ୱାଳ, ଗୋପାଳ ଚନ୍ଦ୍ର ମିଶ୍ର, ଡ.ସର୍ବେଶ୍ୱର ସେଣ, ଡ.ନିମକେତନ ପଟ୍ଟନାୟକ, ପ୍ରବୀର ମହାନ୍ତି, ମଙ୍ଗଳା ପ୍ରସାଦ ପ୍ରଧାନ, ଗୋପାଳ କୃଷ୍ଣ ଆଚାର୍ଯ୍ୟ, ଶିଞ୍ଜୀ ପ୍ରତିହାରୀ, ସ୍ୱାମୀ ଆନନ୍ଦ ରାଜା, ହିପୁ ସଲ୍‌କ କ୍ରିଷଲ୍ ନାଥନ୍, ଡ.ଲକ୍ଷ୍ମଣ ପ୍ରଧାନ, ମହେନ୍ଦ୍ର କୁମାର ମଲ୍ଲିକ, ଡ.ମିହିର ରଞ୍ଜନ ପଟ୍ଟନାୟକ, ମନୋରଞ୍ଜନ ମହାନ୍ତି ଓ ସୁକେଶ ପଟ୍ଟନାୟକଙ୍କ ଲେଖା ରହିଛି । ଲେଖାଗୁଡ଼ିକ ସୁନ୍ଦର ଓ ସୁଖପାଠ୍ୟ ହୋଇଛି । ପତ୍ରିକାର ପ୍ରଚ୍ଛଦ ଆକର୍ଷଣୀୟ ।



### ଯୁଗଶ୍ରୀ ଯୁଗନାରୀ

ସମ୍ପାଦକ- ମମତା ମହାପାତ୍ର, ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର-୧ , ମୂଲ୍ୟ- ୨୦ ଟଙ୍କା

'ଯୁଗଶ୍ରୀ ଯୁଗନାରୀ' ମମତା ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଛି । କବି ଶିଶୁ ଅନନ୍ତ ଦାସଙ୍କ ଉପରେ ସମ୍ପାଦକୀୟ ପ୍ରକାଶ ପାଇଛି । ସେହିପରି ଶନୋଦେବୀଙ୍କ ବେଦ ସନ୍ଦେଶ, ସାକ୍ଷାତ୍‌କାରରେ ସମାଜସେବୀ ସରିତା ପଣ୍ଡା, ମନୋଜ ଦାସଙ୍କ ଉପରେ ବିଦ୍ୟୁତେଜ, ମହିୟସୀ ମହିଳାରେ ନିର୍ମଳା ଦେବୀ, ପ୍ରବନ୍ଧରେ ଓଡ଼ିଶାର ୩ ମୁଖ୍ୟମନ୍ତ୍ରୀଙ୍କ କାହାଣୀ, ଗଳ୍ପରେ ସତ୍ୟନାରାୟଣ ଠାକୁର, ସୁକାନ୍ତି ରାଉତ, ପ୍ରକାଶ ମହାପାତ୍ର, ସୁଷମା ପରିଡ଼ା, ହରମୋହନ ମହାନ୍ତି ରହିଛନ୍ତି । ଅନୁବାଦ ଗଳ୍ପରେ ମୈତ୍ରେୟୀ କମିଳା ରହିଛନ୍ତି । ସେହିପରି କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ଚିନ୍ମୟୀ ମହାପାତ୍ର, ସୁଶାନ୍ତ କୁମାର ନାୟକ, ସୌଭାଗିନୀ ମିଶ୍ର ଦାସ ଓ ସୂର୍ଯ୍ୟକାନ୍ତ ବେହେରା ରହିଛନ୍ତି । ପ୍ରଫୁଲ୍ଲ କୁମାର ମହାନ୍ତି, ରମାକାନ୍ତ ରଥ ପ୍ରମୁଖଙ୍କ ଲେଖା ପତ୍ରିକାଟିକୁ ସୁଖପାଠ୍ୟ କରିଛି ।



ବ୍ୟାକ୍ ପେଜ୍

# ଆଖିରେ ଲାଗିଛି ୨ କ୍ୟାରେଟ୍‌ର ହୀରା

କିଛି ଗହଣାପ୍ରିୟ ମଣିଷ ଦେହସାରା ଗହଣା ଛାଉଣି କରୁଥିବା ବେଳେ ଆଉ କେହି କେହି ସୁନା ଦାନ୍ତ ବି ଲଗାଉଥିବା ଜାଣିଥିବେ। ତେବେ ଜଣେ ବ୍ୟକ୍ତି ନିଜ ଆଖିରେ ହୀରାଖଚିତ କରିଛନ୍ତି। ଭାବୁଥିବେ ଏହା କିପରି ସମ୍ଭବ। ଏହି ବ୍ୟକ୍ତି ଜଣକ ହେଉଛନ୍ତି ଆମେରିକା,






ଆଲବାମାରେ ରହୁଥିବା ସେଲ୍ଟର ଜୋନ୍ସ। ସେ ତାଙ୍କ ଆଖିରେ ୨ କ୍ୟାରେଟ୍‌ର ହୀରା ଲଗାଇଛନ୍ତି। ପ୍ରକୃତ କଥା ହେଉଛି ସେଲ୍ଟର ଜୋନ୍ସ ଏକ ରୋଗରେ ପୀଡ଼ିତ ହୋଇ ଡାହାଣ ଆଖିକୁ ହରାଇଥିଲେ। ହେଲେ ଏଥିରେ ସେ ଭାଙ୍ଗି ନ ପଡି ଆର୍ଟିଫିସିଆଲ ଆଖି ଲଗାଇବା କଥା ଚିନ୍ତା କଲେ। ସେଲ୍ଟର ଏକ ଗହଣା ଦୋକାନର ମାଲିକ ଅଟନ୍ତି। ସେ ଭାବିଲେ ମୋ ଭଳି ଅନେକେ ଏମିତି କୃତ୍ରିମ ଆଖି ଲଗାଉଛନ୍ତି। ତେଣୁ ମୁଁ ଏହି କୃତ୍ରିମ ଆଖିକୁ କିଛି ଖାସ୍ କରାଇବି। ତେଣୁ କୃତ୍ରିମ ଆଖି ତିଆରି କରିବାରେ ଏକ୍ସପର୍ଟ ଜନ୍ ଲିମ୍‌ଙ୍କ ସହ କଥାବାର୍ତ୍ତା କରି ଡୋଳା ସ୍ଥାନରେ ହୀରାଖଚିତ କରିବାକୁ କହିଲେ। ଜନ୍ ଲିମ୍ ତାହା ହିଁ କଲେ। ଏହି ଆଖି ତିଆରି କରିବାକୁ ତାଙ୍କୁ ୬ ମାସ ସମୟ ଲାଗିଥିଲା। ଡୋଳାରେ ଲାଗିଥିବା ଏହି ହୀରା ଦୁଇ କ୍ୟାରେଟ୍‌ର ଅଟେ। ତେଣୁ ତାଙ୍କ ଆଖି ପୃଥିବୀର ସବୁଠାରୁ ଦାମୀ କୃତ୍ରିମ ଆଖିଭାବେ ପରିଚିତ ହେଉଛି। ଏହି ଆଖି ଉପରେ ଯେବେ ଆଲୋକ ପଡେ ସେଥିରୁ ଆଖି ଝଲସେଇ ଦେବାଭଳି ଚମକ୍ ବାହାରେ। ଏହି ଆଖି ଏବେ ସେଲ୍ଟର ଜୋନ୍ସଙ୍କ ପରିଚୟ ପାଲଟିଛି।




# ମାନବ ଶରୀର ଭିତରେ କରିବେ ଭ୍ରମଣ

ପୃଥିବୀରେ ଏମିତି ଅନେକ ସ୍ଥାନ ଅଛି ଯାହା ମଣିଷର କୌତୂହଳ ବଢାଇଥାଏ। ନେଦରଲାଣ୍ଡର ଲୈଡେନ ସହରରେ ବି ଅଛି ସେମିତି ଏକ କୌତୂହଳମୟ ସ୍ଥାନ । ଏଠାରେ ଅଛି ଏକ ମାନବ ଜୀବ ବିଜ୍ଞାନ ସଂଗ୍ରହାଳୟ। ଏହି ସଂଗ୍ରହାଳୟରେ ମାନବ ଶରୀରର ଆଭ୍ୟନ୍ତରୀଣ ଅଙ୍ଗର ବଡ଼ ବଡ଼ ପ୍ରତିରୂପ କରାଯାଇଛି। ତେଣୁ ଏହା ଭିତରକୁ ଗଲେ ଆପଣ ମାନବ ଶରୀର ଭିତରେ ପ୍ରବେଶ କଲାଭଳି ଲଗିବ। ଫଳରେ ମାନବ ଶରୀରର ଆଭ୍ୟନ୍ତରରେ ଥିବା ଅଙ୍ଗଗୁଡିକୁ ଖୁବ୍ ଭଲଭାବେ ଓ ଗଭୀରଭାବେ ଜାଣିବାର ସୁଯୋଗ ମିଳିବ। ଅର୍ଥାତ୍ ଏହା ଏକ ହ୍ୟୁମାନ ବାୟୋଲୋଜି ଇଣ୍ଟରଆକ୍ଟିଭ ମ୍ୟୁଜିୟମ। ଏହା ମଧ୍ୟକୁ ଗଲେ ଲାଗିବ ସତେଯେମିତି ମାନବ ଶରୀର ଭିତରକୁ ପ୍ରବେଶ କରିଛନ୍ତି। ଏଠାରେ ପ୍ରଦର୍ଶିତ ଶରୀରର ବିଭିନ୍ନ ଅଙ୍ଗର ବ୍ୟାଖ୍ୟା ଅଡିଓ ଦ୍ୱାରା କରାଯାଇଥାଏ। ଫଳରେ ସେମାନେ ଖୁବ୍ ସହଜରେ ବିଭିନ୍ନ ଆଭ୍ୟନ୍ତରୀଣ ଅଙ୍ଗ ବିଷୟରେ ଅନେକ କିଛି ଜାଣିପାରନ୍ତି। ଶିକ୍ଷା ପାଇବା ସହ ଅନ୍ତଃନଳୀର ଟନେଲ, ପାଟିର ବଡ଼ ଗୁମ୍ଫା, କିଡ୍‌ନୀ, ହୃତ୍‌ପିଣ୍ଡ, ଫୁସ୍‌ଫୁସ୍, ଯକୃତ ଭଳି ନାନା ଅଙ୍ଗର ଏତେ ବଡ଼ ଆକାରଗୁଡ଼ିକୁ ଦେଖିବା ପାଇଁ ପିଲାଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ଦେଖିବାକୁ ମିଳେ। ବଡ଼ମାନେ ବି ଏଠାରେ ବହୁତ ଏନ୍‌ଜୟ କରନ୍ତି। ତେଣୁ କୁହାଯାଇପାରେ ଯେ, ଏହି ସଂଗ୍ରହାଳୟ ଉଭୟ ଶିକ୍ଷା ଓ ମନୋରଞ୍ଜନ ପ୍ରଦାନ କରିଥାଏ।










# ବହିଥାକ ପରି ପାଠାଗାର

ବିଭିନ୍ନ ଅଜବ ପ୍ରକାର ଡିଜାଇନ୍‌ର ଘର ବିଷୟରେ ଶୁଣିଥିବେ ଓ କିଛି ଅଜବ ଘରକୁ ଦେଖିଥିବେ ମଧ୍ୟ। ଇଏ ବି ସେମିତି ଏକ ବିଲ୍ଡିଂ, ଯାହାର ବାହାରପଟକୁ ଏମିତି ଡିଜାଇନ୍ କରାଯାଇଛି ଯେ, ତାକୁ ଦେଖିଲେ ଲାଗିବ ଏହା ଏକ ବିଲ୍ଡିଂ ନୁହେଁ ବରଂ ଏକ ବହିର ଥାକ। ଯେଉଁଠି ଅନେକ ବିରାଟକାୟ ବହିକୁ ସଜାଇ କରି ରଖାଯାଇଛି। ହେଲେ ପ୍ରକୃତରେ ଏହା ଏକ ବିଲ୍ଡିଂ। ଆଉ ଏହି ବିଲ୍ଡିଂଟି ହେଉଛି ପ୍ରସିଦ୍ଧ କାନସାସ୍ ସିଟି ପବ୍ଲିକ ଲାଇବ୍ରେରୀ। ୧୮୭୩ ମସିହା, ଡିସେମ୍ବର ୫ ତାରିଖରେ ସ୍ଥାପିତ ଏହି ପାଠାଗାର କାନସାସ୍ ସିଟି ମହାନଗରୀୟ କ୍ଷେତ୍ରର ସବୁଠାରୁ ପୁରୁଣା ଓ ତୃତୀୟ ସବୁଠାରୁ ବଡ଼ ସାର୍ବଜନିକ ପୁସ୍ତକାଳୟ ପ୍ରଣାଳୀ ଅଟେ। ଏହାମଧ୍ୟରେ କାନସାସ୍ ସିଟିର ଇତିହାସର ସଂଗ୍ରହ ଅଛି।